


# ଏମ୍ଏମ୍ଜି ଖବର

ସାପ୍ତାହିକ ଖବର କାଗଜ





୨୫ ଫେବୃଆରୀ ରୁ ୦୪ ମାର୍ଚ୍ଚ ୨୦୨୬ | ● ବର୍ଷ -୦୧ | ● ଅଙ୍କ -୦୧ | ● ପୃଷ୍ଠା -୦୧ | ● ମୂଲ୍ୟ -୦୫/- | ● RNI-ORORI26A0932 www.mmgkhabar.in


## କିଏ ହାତେଇବ ରାଜ୍ୟସଭାର ଚତୁର୍ଥ ସିଟ?




ଆସନ୍ତା ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ! ଏନେଇ ବିଜେପି କେନ୍ଦ୍ରୀୟ ନିର୍ବାଚନ ସମିତି ପକ୍ଷରୁ ଓଡିଶା ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେପି ସଭାପତି ଶ୍ରୀ ମନ ମୋହନ ସାମଲ ଏବଂ ଶ୍ରୀ ସୁଜିତ କୁମାରଙ୍କୁ ପ୍ରାର୍ଥୀ ଭାବେ ଘୋଷଣା ହୋଇଛି। ଅନ୍ୟପଟେ ବିଜେପି ନେତା ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିବେ ବୋଲି ସୂଚନା ଦେଇଛନ୍ତି।ସୂଚନଯୋଗ୍ୟ, ଗତ ଫ୍ରେବୃଆରି ୨୮ ରେ ବିଜେଡ଼ି ପକ୍ଷରୁ ଶ୍ରୀ ସଂତୃପ୍ତ ମିଶ୍ର ଏବଂ ଶ୍ରୀ ଦତ୍ତେଶ୍ୱର ହୋତାଙ୍କୁ ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା। ତେବେ ପୂର୍ବର ରାଜନୀତି ଗଣନା ଅନୁସାରେ, ବିଜେପିକୁ ଦୁଇଟି ସିଟ ଏବଂ ବିଜେଡ଼ି ଗୋଟିଏ ସିଟ ମିଳିବା ନେଇ ଦୃଢ଼ତି ରହିଥିଲା। କିନ୍ତୁ ପ୍ରକୃତ ଅଙ୍କ କଷାକଷି ହେଉଛି ଚତୁର୍ଥ ସିଟ କୁ ନେଇ। ବିଜେଡ଼ି ପକ୍ଷରୁ ତୃତୀୟ ସିଟ ପାଇଁ ଚୟନ ହୋଇଥିବା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ସିଟ ମିଳିବା ନେଇ ନିଶ୍ଚିତ ହୋଇଥିବା ବେଳେ ଦ୍ୱନ୍ଦ ରହିଛି ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ। ଅବଶ୍ୟ ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସର ମଧ୍ୟ ସମର୍ଥନ ଦେଇଛି। ଯଦି କଂଗ୍ରେସ ପୂର୍ଣ୍ଣ ସମର୍ଥନ ଦିଏ ତେବେ ବିଜେଡ଼ି ଚତୁର୍ଥ ଆସନ ନିଜ ନାଁରେ କରିବ।କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁର୍ବରୁ ବିଜେପିର ଦୁଇଟି ରାଜ୍ୟସଭା ସିଟ କନ୍ଫର୍ମ ବୋଲି କୁହାଯାଉଛି କାରଣ ଦୁଇଟି ସିଟ ବିଜେପିର ରହିଥିଲା। ବିଜେପି ଦୁଇଟି ପ୍ରାର୍ଥୀରୁ ଅଧିକ ପ୍ରାର୍ଥୀ ଦେବ ବୋଲି ଆଶା କରାଯାଉଥିଲା। କାରଣ ଶାସକ ଦଳ ଅନୁସାରେ ଚତୁର୍ଥ ସିଟକୁ ନିଜ ଅକ୍ତିଆରରେ ଆଣିବାକୁ ରଣନୀତି ପ୍ରସ୍ତୁତ କରିବା ନେଇ ମଧ୍ୟ ଆଲୋଚନା ଜୋର୍ ଧରିଥିଲା। କିନ୍ତୁ ବିଜେପି ଦେଇଛି ମାତ୍ର ଦୁଇ ପ୍ରାର୍ଥୀ। ସେପଟେ ବିଜେପି ନେତା ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିବେ ବୋଲି ସୂଚନା ଦେଇଛନ୍ତି। ଏଥିପାଇଁ ସେ ରାଜ୍ୟ ସ୍ତରରେ ଏବଂ କେନ୍ଦ୍ରୀୟ ସ୍ତରରେ ସମର୍ଥନ ପାଇଁ ସହଯୋଗ ପାଇଁ ଆଲୋଚନା କରିବେ ବୋଲି କହିଛନ୍ତି। ଅବଶ୍ୟ ବିଜେପି ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ।ଆଲୋଚନା କଳ୍ପନା କଳ୍ପନା ମଧ୍ୟରେ କିଏ ହାତେଇବ ରାଜ୍ୟସଭାର ଚତୁର୍ଥ ସିଟ ତାହା ଆଗାମୀ ସମୟ କହିବ।

## ପବିତ୍ର ଦୋଳପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ



ପବିତ୍ର ଦୋଳପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ । ଚନ୍ଦ୍ରଗ୍ରହଣ ପାଇଁ ଅନୁଷ୍ଠିତ ହୋଇଛି ସ୍ୱତନ୍ତ୍ର ନୀତିକାନ୍ତି। ରାତି ୧୨ଟା ୩୮ରେ ଦ୍ୱାରଫିଟା ପରେ ଅନ୍ୟାନ୍ୟ ରୀତିନୀତି ସଂପନ୍ନ ହୋଇଛି। ସକାଳ ୫ଟା ୩୫ରେ ଦିଅଁ ବିମାନକୁ ବିଜେ ନୀତି ପରେ ରତ୍ନବେଦୀରେ ମହାପ୍ରଭୁ ତଡପ ଲାଗି ହୋଇ ନୀତି ସ୍ଥଗିତ ରହିଛି। ସେପଟେ ଦୋଳବେଦୀରେ ଅବିର ଖେଳରେ ମାତିଛନ୍ତି ଦୋଳଗୋବିନ୍ଦ। ଶ୍ରୀମନ୍ଦିରରେ ତଡପ ଲାଗି ଓ ଉତ୍ତରୀ ଲାଗି ପରେ ଘଣ୍ଟଘଣ୍ଟା କାହାଳୀ ପଟୁଆରରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ , ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବସି ଦୋଳବେଦୀକୁ ବିଜେ କରିଥିଲେ । ସେଠାରେ ପରମ୍ପରା ଅନୁଯାୟୀ ବନ୍ଦାପନା ପରେ ଝିମିରି ଫଗୁରେ ଅବିର ଖେଳ ଅନୁଷ୍ଠିତ ହୋଇଥିଲା । ଶତାଧିକ ଭକ୍ତ ଏହି ପଟୁଆରରେ ଯାଇ ଫଗୁ ଖେଳରେ ସାମିଲ ହୋଇଥିଲେ।ଶ୍ରୀମନ୍ଦିର ଭିତରେ ଦୋଳବେଦୀ ତଳେ ୭ ଘେରା ଓ ଦୋଳବେଦୀ ଉପରେ ୭ ଘେରା ଏହି ଭଳି ୩୫ ଘେରା ବିମାନ ପରିକ୍ରମା କରିବା ପରେ ଦୋଳବେଦୀରେ ବିରାଜମାନ କରିଛନ୍ତି ଚଳନ୍ତି ପ୍ରତିମା। ମହାପ୍ରଭୁଙ୍କ ସହ ସକାଳୁ ଝିମିରି ଫଗୁ ଖେଳିବା ସୌଭାଗ୍ୟର କଥା ବୋଲି କହିଛନ୍ତି ଭକ୍ତ ଓ ସେବାୟତ । ସେପଟେ ଗ୍ରହଣ ସର୍ବମୋକ୍ଷ ହେବାପରେ ମହାସ୍ନାନ ହୋଇ ନୀତି ବଢି ମହାପ୍ରଭୁଙ୍କ ରାଜରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ୨୩ପ୍ଲାଟୁନ ଫୋର୍ସ ମୁତୟନ ହୋଇଛି।

# ଦିଲୀପଙ୍କୁ ନେଇ ବଡ଼ ବୟାନ ଦେଲେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭା ନିର୍ବାଚନରେ ହେବ ଓଲଟପାଲଟ!



ରାଜ୍ୟ ସଭା ନିର୍ବାଚନ ନେଇ ବିଜେଡି ସଂତୃପ୍ତ ମିଶ୍ରଙ୍କ ନାମ ଘୋଷଣା କରିଥିବା ବେଳେ କମନ ପ୍ରାର୍ଥୀ ଭାବେ ଦତ୍ତେଶ୍ୱର ହୋତାଙ୍କ ନାମ ମଧ୍ୟ ଘୋଷଣା କରିଛି । ସେପଟେ ଆଜି ଭାଜପା ତରଫରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାରଙ୍କ ନାମ ମଧ୍ୟ ଘୋଷଣା କରିଛି । ଏସବୁ ଭିତରେ ଦିଲ୍ଲୀପ ରାୟ ସ୍ୱାଧୀନ ଭାବେ ରାଜ୍ୟ ସଭା ଯିବେ ବୋଲି ଘୋଷଣା କରିଛନ୍ତି।ଏହାକୁ ନେଇ ବଡ଼ ବୟାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିଲୀପ ବିଜୟୀ ହେବେ। ଦିଲୀପ ରାୟ ଜଣେ ବିଚକ୍ଷଣ ଓ ବୁଦ୍ଧିସମ୍ପନ୍ନ ରାଜନେତା । ନିଜସ୍ୱ ଶକ୍ତି ବଳରେ ରାଜ୍ୟ ସଭାକୁ ଯିବାର ନଜିର ରହିଛି। ଆମ ଦଳର ସଭାପତି ଦିଲୀପଙ୍କୁ ସମର୍ଥନ ଘୋଷଣା କରି ସାରିଛନ୍ତି। ସ୍ୱଷ୍ଟ ସଂଖ୍ୟା ନ ଥିଲେ ବି ସେ ସ୍ୱାଧୀନ ଭାବେ ବିଜୟୀ ହେବେ। ସଭାପତି ମନମୋହନ ସାମଲ, ଏମପି ସୁଜିତ କୁମାର ଆମର ପ୍ରାର୍ଥୀ। ଏଥିପାଇଁ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ରାଷ୍ଟ୍ରୀୟ ଅଧକ୍ଷଙ୍କୁ କୃତଜ୍ଞତା ଦେଉଛି।କହିରଖୁଛୁ ଯେ, ସ୍ୱାଧୀନ ପ୍ରାର୍ଥୀ ହେବା ନେଇ ବରିଷ୍ଠ ନେତା ଦିଲୀପ ରାୟ ଘୋଷଣା କରିଛନ୍ତି। ସେ ୫ ତାରିଖରେ ନାମାଙ୍କନ ଭରିପାରନ୍ତି। ଏନେଇ ଦିଲୀପ କହିଛନ୍ତି, ମୁଁ ଏନେଇ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱଙ୍କ ସହ ଆଲୋଚନା କରିଛି।ତେବେ ପୂର୍ବରୁ ଥରେ ବିଜେଡିକୁ ଚକମା ଦେଇ ରାଜ୍ୟ ସଭା ଯିବାର ଅଭିଜ୍ଞତା ରହିଛି। ଆଲୋଚନା ହେଉଛି କି ଦିଲୀପଙ୍କୁ ଭାଜପା ସମର୍ଥନ କରିପାରେ । କୁହାଯାଉଛି ଯେ ଦତ୍ତେଶ୍ୱରଙ୍କ ସହ ଦିଲୀପଙ୍କ ହୋଇପାରେ ଜୋରଦାର ଲଢେଇ। ରାଜ୍ୟ ସଭାର ୪ର୍ଥ ଆସନରେ ହୋଇପାରେ ରୋଚକ ଲଢେଇ।ସୂଚନାଥାଉ କି, ଦିଲୀପ ରାୟ ରାଜ୍ୟ ସଭା ମଇଦାନକୁ ଓହ୍ଲାଇବା ପରେ ଲଢ଼େଇ ଜୋରଦାର ହେବା ନେଇ ଚର୍ଚ୍ଚା ହେଉଛି। ଚର୍ଚ୍ଚା ହେଉଛି ରାଜ୍ୟ ସଭା ନିର୍ବାଚନରେ ଏବେ ୪ର୍ଥ ଆସନ ପାଇଁ ଘୋଡ଼ା ବେପାର ହୋଇପାରେ। ବେଶ ଅଭିଜ୍ଞ ଦଲୀପଙ୍କୁ ନେଇ ଶାସକ ଭାଜପା ଆଶାବାଦୀ ରହିଛି। ଅତୀତରେ ବିଜେଡିକୁ ଚକମା ଦେଖାଇ ଦିଲୀପ ରାଜ୍ୟ ସଭା ଯାଇଛନ୍ତି। ଏପରି ସ୍ଥିତିରେ ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥୀଙ୍କୁ ନେଇ ସସ୍ପେନ୍ସ ଜାରି ରହିଛି। ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ହେଉଛନ୍ତି ଡା. ଦତ୍ତେଶ୍ୱର ହୋତା।ଦତ୍ତେଶ୍ୱରଙ୍କୁ ନବୀନ କମନ କ୍ୟାଣ୍ଡିଡେଟ କରିବା ପରେ କଂଗ୍ରେସ ସମର୍ଥନ ଦେଇଛି। ତେଣୁ ଚତୁର୍ଥ ଆସନରେ ଦିଲୀପ ନା ଦତ୍ତେଶ୍ୱର ଜିତିବେ ଚର୍ଚ୍ଚା ଆରମ୍ଭ ହୋଇଛି।

# ନୂଆଦିଲ୍ଲୀ ଇରାନର ବ୍ରହ୍ମାସ୍ତ୍ର ଆଣିପାରେ ଇସ୍ରାଏଲରେ ବିନାଶ ; ବ୍ରହ୍ମୋସ ଅପେକ୍ଷା ଅଧିକ ବିପଦଜନକ

ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଯାଇଛି ଆଉ ଏକ ଭୀଷଣ ଯୁଦ୍ଧ । ଇରାନ, ଇସ୍ରାଏଲ ଓ ଆମେରିକା ଯୁଦ୍ଧ ଭୟଙ୍କର ରୂପ ନେଉଛି । ଏହି ଭୟଙ୍କର ଯୁଦ୍ଧରେ ଆମେରିକା ଏବଂ ଇସ୍ରାଏଲ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କୁ ହତ୍ୟା କରିଛନ୍ତି । ଏହି ଘଟଣା ସମଗ୍ର ଆରବ ବିଶ୍ୱ ଏବଂ ମଧ୍ୟପ୍ରାଚ୍ୟକୁ ଯୁଦ୍ଧର ନିଆଁରେ ଘିଅ ଢାଳିବା ଭଳି କାମ କରିଛି । ଇସ୍ରାଏଲୀ ଆକ୍ରମଣ ପରେ ତେହେରାନ ପ୍ରତିଶୋଧ ନେଇଛି। ଇରାନ ଇସ୍ରାଏଲୀ ସହରଗୁଡ଼ିକ ସହିତ ସାଉଦି ଆରବ, ଓମାନ, ୟୁଏଇ ଏବଂ ବାହାରିନ ଭଳି ଦେଶଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଛି। ବିଶେଷକରି, ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଥିବା ଦାବି କରାଯାଇଛି ।ଆପଣ ଜାଣିକି ଆଶ୍ଚର୍ଯ୍ୟ ହେବେ ଇରାନ ପାଖରେ ହଜାର ହଜାର ଡ୍ରୋନ୍ ଏବଂ ବହୁ ସଂଖ୍ୟକ ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଅଛି। ଏଥିମଧ୍ୟରୁ ଗୋଟିଏ ହେଉଛି ଖୋରମସହର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏହାକୁ ଚତୁର୍ଥ ପିଢ଼ିର କ୍ଷେପଣାସ୍ତ୍ର ବୋଲି କୁହାଯାଏ, ଯାହାକୁ ଖୈବର କ୍ଷେପଣାସ୍ତ୍ର ମଧ୍ୟ କୁହାଯାଏ। ଖୋରମସହର-୪ କ୍ଷେପଣାସ୍ତ୍ର ଅନେକ ଦୃଷ୍ଟିରୁ ବ୍ରହ୍ମୋସ୍ କ୍ରୁଜ୍ କ୍ଷେପଣାସ୍ତ୍ର ଅପେକ୍ଷା ଆହୁରି ବିପଜ୍ଜନକ।ମଧ୍ୟପ୍ରାଚ୍ୟରେ ବଢୁଥିବା ଆଞ୍ଚଳିକ ଉତ୍ତେଜନା ମଧ୍ୟରେ, ଯୁକ୍ତରାଷ୍ଟ୍ର ଏହାର ପରମାଣୁ ଶକ୍ତି ସମ୍ପନ୍ନ ବିମାନ ବାହକ ୟୁଏସଏସ ଆବ୍ରାହମ ଲିଙ୍କନଙ୍କ ନେତୃତ୍ୱରେ ଏକ ବାହକ ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ କରିଛି। ଏହି ମୁତୟନ ଏପରି ଏକ ସମୟରେ ହୋଇଛି ଯେତେବେଳେ ଏହି ଅଞ୍ଚଳରେ ସାମରିକ କାର୍ଯ୍ୟକଳାପ ଏବଂ ଚଳପ୍ରଚଳ ଶକ୍ତି ଆକଳନ ବୃଦ୍ଧି ପାଉଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡର ଅଧିକାରକ୍ଷେତ୍ର ଅଧୀନରେ ଥିବା ଏହି ଷ୍ଟ୍ରାଇକ୍ ଗ୍ରୁପ୍ ରେ ଉନ୍ନତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସହିତ ସଜ୍ଜିତ ଅନେକ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ ମଧ୍ୟ ଅନ୍ତର୍ଭୁକ୍ତ। ଏହି ବିମାନ ବାହକ ଅତ୍ୟାଧୁନିକ ଲଢୁଆ ଜେଟ୍ ଏବଂ ହେଲିକପ୍ଟର ସହିତ ବ୍ୟାପକ ବାୟୁ ଏବଂ ସାମୁଦ୍ରିକ ଆକ୍ରମଣ କ୍ଷମତା ପ୍ରଦାନ କରେ। ପରମାଣୁ ଶକ୍ତିରେ କାର୍ଯ୍ୟ କରୁଥିବା, ଏହା ଇନ୍ଧନ ଭରିବା ବିନା ଦୀର୍ଘ ସମୟ ପାଇଁ ସମୁଦ୍ରରେ ରହିପାରିବ, ଯାହା ଆମେରିକା ନୌସେନାକୁ ଏକ ରଣନୈତିକ ଲାଭ ପ୍ରଦାନ କରେ। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଏହି ମୁତୟନ ଆମେରିକାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସମ୍ଭାବ୍ୟ ବିପଦ ପ୍ରତି ଏକ ବାର୍ତ୍ତା ପଠାଇବା ପାଇଁ ଉଦ୍ଦିଷ୍ଟ।



ଆମେରିକାର ନୌସେନା ଗଠନର ଜବାବରେ, ଇରାନ ଏହାର ଉନ୍ନତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଛି। ତେହେରାନ ବିଶେଷ ଭାବରେ ଏହାର ମଧ୍ୟମ ଦୂରଗାମୀ ଖୋରମଶାହର-୪ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଗୁରୁତ୍ୱ ଦେଇଛି, ଯାହାକୁ ଖୈବର ମଧ୍ୟ କୁହାଯାଏ। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଏହି କ୍ଷେପଣାସ୍ତ୍ର ଭୂତଳ ସେଫ୍ହାଉସରେ ନିୟୋଜିତ ହୋଇଛି, ଯାହା ଏହାର ସୁରକ୍ଷା ଏବଂ ଦ୍ରୁତ ପ୍ରକ୍ଷେପଣ କ୍ଷମତାକୁ ସୁନିଶ୍ଚିତ କରୁଛି।ଖୋରମସହର-୪ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ପ୍ରାୟ ୨୦୦୦ କିଲୋମିଟର। ଏହା ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଭାରୀ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ବ୍ୟାପକ ଧ୍ୱଂସ ଘଟାଇବାରେ ସକ୍ଷମ। ଅନ୍ତିମ ପର୍ଯ୍ୟାୟରେ, ଯୁଦ୍ଧାସ୍ତ୍ର ମୁଖ୍ୟ ରକେଟ୍ ଠାରୁ ଅଲଗା ହୋଇ ସଠିକତାର ସହିତ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରେ। ବୈଷୟିକ ଭାବରେ, ଏହି କ୍ଷେପଣାସ୍ତ୍ର ହାଇପରସୋନିକ୍ ଗତି ହାସଲ କରିପାରିବ। ପୃଥିବୀର ବାୟୁମଣ୍ଡଳ ବାହାରେ, ଏହାର ଗତି ମାକ୍ ୧୬ (ପ୍ରାୟ ୨୦,୦୦୦ କିଲୋମିଟର ପ୍ରତି ଘଣ୍ଟା) ପର୍ଯ୍ୟନ୍ତ ପହଞ୍ଚେ, ଯେତେବେଳେ ପୁନଃ ପ୍ରବେଶ ସମୟରେ ମଧ୍ୟ, ଏହା ପ୍ରାୟ ମାକ୍ ୮ (ପ୍ରାୟ ୧୦,୦୦୦ କିଲୋମିଟର ପ୍ରତି ଘଣ୍ଟା) ବେଗ ବଜାୟ ରଖେ। ଏହି ଉଚ୍ଚ ଗତି ଶତ୍ରୁ ବାୟୁ ପ୍ରତିରକ୍ଷା ପ୍ରଣାଳୀର ପ୍ରତିକ୍ରିୟା ସମୟକୁ ସୀମିତ କରେ।

# ଇରାନରେ ପରମାଣୁ ବିକିରଣ ବ୍ୟାପିଲେ କେତେ ଦେଶ ବିପଦରେ ପଡ଼ିବେ?



ପଶ୍ଚିମ ଏସିଆରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଇରାନରେ ପରମାଣୁ ବିକିରଣର ସମ୍ଭାବନା ବିଷୟରେ ଚିନ୍ତା ଦେଖାଯାଉଛି। ଗଭର୍ଣ୍ଣର ବୋର୍ଡ ବୈଠକରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରୋସି ଚେତାବନୀ ଦେଇଛନ୍ତି ଯେ, ଏହି ଅଞ୍ଚଳରେ ନିରନ୍ତର ଆକ୍ରମଣ ପରମାଣୁ ସୁରକ୍ଷା ପ୍ରତି ବିପଦ ବୃଦ୍ଧି କରିଛି।ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ କୌଣସି ବିକିରଣ ଲିକ୍ ଚିହ୍ନଟ ହୋଇନାହିଁ, ତଥାପି ସବୁଠାରୁ ଖରାପ ପରିସ୍ଥିତିରେ ରେଡିଓଲୋଜିକାଲ୍ ରିଲିଜ୍ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ଏଡ଼ାଇ ଦିଆଯାଇପାରିବ ନାହିଁ। ଇରାନରେ ପରମାଣୁ ବିକିରଣ ବ୍ୟାପିଲେ କେତେ ଦେଶ ବିପଦରେ ପଡ଼ିପାରନ୍ତି ତାହା ଜାଣିବାକୁ ଚେଷ୍ଟା କରିବା। ଯଦି ଏକ ବିକିରଣ ଲିକ୍ ହୁଏ, ବିଶେଷକରି ବୁଶହର ଭଳି ଉପକୂଳୀୟ ପ୍ଲାଣ୍ଟରୁ ଉପକୂଳବର୍ତ୍ତୀ ଅଞ୍ଚଳର ଅତି କମରେ ଛଅରୁ ଆଠଟି ଦେଶ ବିଭିନ୍ନ ପରିମାଣର ବିପଦର ସମ୍ମୁଖୀନ ହୋଇପାରନ୍ତି। ସଠିକ୍ ପ୍ରଭାବ ପବନ ଦିଗ, ସମୁଦ୍ର ସ୍ରୋତ ଏବଂ କ୍ଷତିର ସ୍ତର ଉପରେ ନିର୍ଭର କରିବ। ଇରାନର ସିଧାସଳଖ ପଡ଼ୋଶୀ ଏବଂ ଉପସାଗରୀୟ ଦେଶଗୁଡ଼ିକ ସର୍ବାଧିକ ବିପଦରେ ରହିବେ। କାରଣ ସେମାନେ ଭୌଗୋଳିକ ଭାବରେ ନିକଟତର ଏବଂ ପରିବେଶଗତ ଭାବରେ ସଂଯୁକ୍ତ। କୁଏତ, କତର ଏବଂ ବାହାରିନ ବହୁତ ଚିନ୍ତାର ବିଷୟ ହୋଇପାରେ କାରଣ ସେମାନେ ପାନୀୟ ଜଳ ପାଇଁ ସମୁଦ୍ର ଜଳ ଡିସାଲିନେସନ୍ ପ୍ଲାଣ୍ଟ ଉପରେ ଅତ୍ୟଧିକ ନିର୍ଭର କରନ୍ତି। ଯଦି ରେଡିଓଆକ୍ଟିଭ୍ ସାମଗ୍ରୀ ଗଲ୍ଫ ଜଳକୁ ଦୂଷିତ କରେ, ତେବେ ଡିସାଲିନେସନ୍ ସିଷ୍ଟମ ପ୍ରଭାବିତ ହୋଇପାରେ, ଯାହା ଫଳରେ ମଧୁର ଜଳ ଯୋଗାଣ ବାଧାପ୍ରାପ୍ତ ହୋଇପାରେ।ସଂଯୁକ୍ତ ଆରବ ଏମିରେଟ୍ସ ବିଶେଷ ଭାବରେ ଦୁର୍ବଳ କାରଣ ଏହାର ୮୦% ରୁ ଅଧିକ ପାନୀୟ ଜଳ ଡିସାଲିନେଟ୍ ହୋଇଥିବା ସମୁଦ୍ର ଜଳରୁ ଆସିଥାଏ। ଉପସାଗରରେ ଯେକୌଣସି ପ୍ରଦୂଷଣ ଶୀଘ୍ର ଜଳ ସୁରକ୍ଷା ସମସ୍ୟା ହୋଇପାରେ।ବାୟୁବାହୀ ବିକିରଣର ବିପଦ ସାଉଦି ଆରବ, ଓମାନ ଏବଂ ଇରାକ ଭୌଗୋଳିକ ଭାବରେ ଇରାନର ନିକଟବର୍ତ୍ତୀ। ସେମାନେ ବାୟୁବାହୀ ରେଡିଓଆକ୍ଟିଭ୍ କଣିକାର ସମ୍ମୁଖୀନ ହୋଇପାରନ୍ତି। ପାଗ ପରିସ୍ଥିତି ଉପରେ ନିର୍ଭର କରି ଏକ ବଡ଼ ଲିକ୍ ହେଲେ, କିଛି ଘଣ୍ଟା ମଧ୍ୟରେ ସୀମା ପାର କରି ବାୟୁ ପ୍ରଦୂଷଣ ବ୍ୟାପିପାରେ।ଜୋର୍ଡାନ ଏବଂ ସିରିଆ ମଧ୍ୟ ଆଞ୍ଚଳିକ ଅସ୍ଥିରତା ଏବଂ ସେମାନଙ୍କ ଅଞ୍ଚଳରେ ପରମାଣୁ ଗବେଷଣା ସୁବିଧାର ଉପସ୍ଥିତି ଯୋଗୁଁ ପରୋକ୍ଷ ବିପଦର ସମ୍ମୁଖୀନ ହୋଇପାରନ୍ତି। ଏହା ଏହି ଅଞ୍ଚଳରେ ସାମଗ୍ରିକ ସୁରକ୍ଷା ଚିନ୍ତାକୁ ବୃଦ୍ଧି କରେ। ବିକିରଣକୁ କିପରି ଏଡ଼ାଇବେ?ହଠାତ୍ ବିକିରଣ ମୁକ୍ତି ହେଲେ ସୁରକ୍ଷା ସଂସ୍ପର୍ଶକୁ କମ କରିବା ଉପରେ ନିର୍ଭର କରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଘର ଭିତରେ ରହିବା। ବାହାରେ ରହିବା ଅପେକ୍ଷା ଇଟା କିମ୍ବା କଂକ୍ରିଟ୍ କୋଠା ଭିତରେ ରହିବା ଭଲ ସୁରକ୍ଷା ପ୍ରଦାନ କରେ। ଦ୍ୱାର ଏବଂ ଝରକା ବନ୍ଦ ରହିବା ଉଚିତ, ଏବଂ ପଙ୍ଖା କିମ୍ବା ଏୟାର କଣ୍ଡିସନର ଭଳି ବାୟୁଚଳନ ବ୍ୟବସ୍ଥା ଯାହା ବାହାର ପବନ ଟାଣେ ସେଗୁଡ଼ିକୁ ବନ୍ଦ କରିବା ଉଚିତ।ସମୟ ଏବଂ ଦୂରତା ନିୟମ ଗୁରୁତ୍ୱପୂର୍ଣ୍ଣ। ଉତ୍ସ ନିକଟରେ ଯେତେ କମ୍ ସମୟ ବିତାଇବେ ଏବଂ ଆପଣ ଯେତେ ଦୂରରେ ରହିବେ, ବିପଦ ସେତେ କମ୍ ହେବ। ଖାଦ୍ୟ ଏବଂ ଜଳ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଲୋକମାନେ କେବଳ ସିଲ୍ ବୋତଲ ପାଣି ଏବଂ ସଠିକ୍ ଭାବରେ ପ୍ୟାକେଜ୍ ହୋଇଥିବା କିମ୍ବା କ୍ୟାନ ଖାଦ୍ୟ ଖାଇବା ଉଚିତ। ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଇରାନରେ ପରମାଣୁ ବିକିରଣର ସମ୍ଭାବନା ବିଷୟରେ ଚିନ୍ତା ଦେଖାଯାଉଛି। ଗଭର୍ଣ୍ଣର ବୋର୍ଡ ବୈଠକରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରୋସି ଚେତାବନୀ ଦେଇଛନ୍ତି ଯେ, ଏହି ଅଞ୍ଚଳରେ ନିରନ୍ତର ଆକ୍ରମଣ ପରମାଣୁ ସୁରକ୍ଷା ପ୍ରତି ବିପଦ ବୃଦ୍ଧି କରିଛି। ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ କୌଣସି ବିକିରଣ ଲିକ୍ ଚିହ୍ନଟ ହୋଇନାହିଁ, ତଥାପି ସବୁଠାରୁ ଖରାପ ପରିସ୍ଥିତିରେ ରେଡିଓଲୋଜିକାଲ୍ ରିଲିଜ୍ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ଏଡ଼ାଇ ଦିଆଯାଇପାରିବ ନାହିଁ। ଇରାନରେ ପରମାଣୁ ବିକିରଣ ବ୍ୟାପିଲେ କେତେ ଦେଶ ବିପଦରେ ପଡ଼ିପାରନ୍ତି ତାହା ଜାଣିବାକୁ ଚେଷ୍ଟା କରିବା।

## ପୁଣି ଫେଲ୍ ମାରିଲା ଚୀନର ଏୟାର ଡିଫେନ୍ସ, HQ-9B ଏୟାର ଡିଫେନ୍ସ ସିଷ୍ଟମ ସଂପୂର୍ଣ୍ଣ ବିଫଳ



ଗୋଟିଏ ବର୍ଷ ଭିତରେ ଦୁଇ ଦୁଇ ଥର ଫେଲ୍ ମାରିଲା ଚୀନର ଏୟାର ଡିଫେନ୍ସ । ପ୍ରଥମେ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ପାଇଁ ଫେଲ୍ ମାରିଥିଲା, ଆଉ ଏବେ ଇରାନ କ୍ଷେତ୍ରରେ ବି ବିଫଳ ହେଲା । ଚୀନର ପ୍ରମୁଖ HQ-9B ଏୟାର ଡିଫେନ୍ସ ସିଷ୍ଟମ ବର୍ଷେ ଭିତରେ ଦୁଇ ଥର ବିଫଳ ହେବା ପରେ ଏହାର କ୍ଷମତା ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ମେ ୨୦୨୫ରେ ପାକିସ୍ତାନରେ ବିଫଳ ହେଲା । ଆଉ ଏବେ ଫେବୃଆରୀ ୨୦୨୬ରେ ଇସ୍ରାଏଲ-ଆମେରିକାର ଆକ୍ରମଣ ବେଳେ ଇରାନର ଗୁରୁତ୍ୱପୂର୍ଣ୍ଣ ପରମାଣୁ ସ୍ଥଳକୁ ସୁରକ୍ଷା ଦେବାରେ ବିଫଳ ହେଲା ଚୀନର ଏହି ପ୍ରଣାଳୀ । ଅପରେସନ ସିନ୍ଦୂର ସମୟରେ ଭାରତ ପାକିସ୍ତାନରେ HQ-9B ଏୟାର ଡିଫେନ୍ସ ସିଷ୍ଟମକୁ ପୁରା ଧ୍ୱଂସ କରିଦେଇଥିଲା ।ଏହି ସିଷ୍ଟମ ଭାରତର ମିସାଇଲ ଓ ଡ୍ରୋନକୁ ଟ୍ରାକ କରିବାରେ ବିଫଳ ହୋଇଥିଲା । ଇରାନ ପାଖରେ ବି ଚୀନର ଏହି HQ-9B ଏୟାର ଡିଫେନ୍ସ ସିଷ୍ଟମ ଅଛି । ୨୦୨୫ ଜୁଲାଇରେ ଚୀନଠାରୁ ଏହି HQ-9B ସିଷ୍ଟମ କିଣିଥିଲା ଇରାନ । କିନ୍ତୁ ଏହା ଇସ୍ରାଏଲ ଓ ଆମେରିକାର ହମ୍ଲାକୁ ରୋକିବାରେ ବିଫଳ ହେଲା । ଯାହାର ପରିଣାମ ସ୍ୱରୂପ ଇରାନ ନିଜର ସବୁଠୁ ପପୁଲାର ନେତା ଓ ସୁପ୍ରିମ ଲିଡରଙ୍କୁ ହରାଇଲା ।

## ବିଶ୍ୱର ପ୍ରଥମ ମହିଳା ଭାବେ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ଅଧକ୍ଷତା କଲେ ମେଲାନିଆ ଟ୍ରମ୍ପ



ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଆଜି ନିଉୟର୍କରେ 'ଶିଶୁ ଏବଂ ସଂଘର୍ଷରେ ଶିକ୍ଷା' ଶୀର୍ଷକ ପ୍ରସଙ୍ଗ ଉପରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ଅଧକ୍ଷତା କରିଛନ୍ତି । ପ୍ରଥମଥର ପାଇଁ କୌଣସି ବିଶ୍ୱନେତାଙ୍କ ପତ୍ନୀ ୧୫ ସଦସ୍ୟ ବିଶିଷ୍ଟ ୟୁଏନ୍‌ଏସ୍‌ସି ବୈଠକରେ ଅଧକ୍ଷତା କରିଛନ୍ତି ।ବୈଠକ ସଂପର୍କରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ୟୁଏନ୍‌ଏସ୍‌ସି ସଦସ୍ୟମାନଙ୍କୁ ମେଲାନିଆଙ୍କ ନିର୍ଣ୍ଣାୟକ ବାର୍ତ୍ତା ହେଉଛି- "ଶାନ୍ତି ଭଙ୍ଗୁର ହେବାର ଆବଶ୍ୟକତା ନାହିଁ ।" ଜାତିସଂଘ ସୁରକ୍ଷା ପରିଷଦ ବୈଠକକୁ ସମ୍ବୋଧିତ କରି ମେଲାନିଆ ଟ୍ରମ୍ପ କହିଛନ୍ତି ଯେ ସମସ୍ତ ସମାଜ ମଧ୍ୟରେ ଜ୍ଞାନ ଏବଂ ବୁଝାମଣାକୁ ସଂପୂର୍ଣ୍ଣ ମୂଲ୍ୟ ଦିଆଯିବା ଦ୍ୱାରା ସ୍ଥାୟୀ ଶାନ୍ତି ହାସଲ କରିହେବ ।ଏକ ରାଷ୍ଟ୍ରର ନେତାମାନଙ୍କ ଦ୍ୱାରା ଶିକ୍ଷା ଉପରେ ରଖାଯାଇଥିବା ମୂଲ୍ୟ ସେମାନଙ୍କ ଦେଶର ବିଶ୍ୱାସ ବ୍ୟବସ୍ଥା ର ମୂଳକୁ ରୂପ ଦେଇଥାଏ ବୋଲି ମେଲାନିଆ ମତବ୍ୟକ୍ତ କରିଛନ୍ତି ।

## ମଧ୍ୟପ୍ରାଚ୍ୟକୁ ପ୍ରସ୍ତାବ ଦେଲା ଯୁଦ୍ଧଗ୍ରସ୍ତ ୟୁକ୍ରେନ : ରୁଷକୁ ଅସ୍ତ୍ରବିରତି ପାଇଁ ରାଜି କରାଅ



ମଧ୍ୟପ୍ରାଚ୍ୟ ଜଳୁଛି , ଇରାନ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ବିମାନ ଘାଟି ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରୁଛି । ଏହି ସମୟରେ, ୟୁକ୍ରେନିୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଏକ ପ୍ରସ୍ତାବ ଦେଇଛନ୍ତି। ବ୍ଲୁମବର୍ଗ ସହିତ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଯଦି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏକ ମାସର ଅସ୍ତ୍ରବିରତି ପାଇଁ ରାଜି କରାନ୍ତି, ତେବେ ୟୁକ୍ରେନ ସେମାନଙ୍କୁ ଇରାନୀ ଡ୍ରୋନ୍ ଆକ୍ରମଣରୁ ରକ୍ଷା କରିବ ।ଜେଲେନସ୍କି କହିଛନ୍ତି, ସେ ଇରାନୀ ଡ୍ରୋନଗୁଡ଼ିକୁ ଅଟକାଇବା ପାଇଁ ମଧ୍ୟପ୍ରାଚ୍ୟକୁ ତାଙ୍କର ସର୍ବୋତ୍ତମ ବିଶେଷଜ୍ଞ ପଠାଇବାକୁ ପ୍ରସ୍ତୁତ। ୟୁକ୍ରେନ ଦୀର୍ଘ ସମୟ ଧରି ରୁଷ ସହିତ ଯୁଦ୍ଧ କରୁଛି ଏବଂ ଡ୍ରୋନ୍‌ଗୁଡ଼ିକୁ ଖସାଇବାରେ ବ୍ୟାପକ ଅଭିଜ୍ଞତା ହାସଲ କରିଛି। ତାଙ୍କ ସେନା ଆକାଶରେ ଅନେକ ଉଚ୍ଚ-ପ୍ରଯୁକ୍ତି ଯୁକ୍ତ ରୁଷୀୟ ଡ୍ରୋନ୍‌କୁ ଖସାଇ ଦେଇଛି। ଜେଲେନସ୍କି ଦାବି କରିଛନ୍ତି ଯେ ଏପର୍ଯ୍ୟନ୍ତ ୟୁକ୍ରେନ ବିରୋଧରେ ୫୭ ହଜାର ଡ୍ରୋନ୍ ବ୍ୟବହାର କରାଯାଇଛି। ସେଥି ମଧ୍ୟରୁ ଅଧିକାଂଶ ୟୁକ୍ରେନୀୟ ସେନା ଖସାଇ ଦେଇଛି। ହଜାର ହଜାର ଡ୍ରୋନ୍‌କୁ ତେହେରାନ ମସ୍କୋ ପଠାଇଛି। ଆମେ ଇରାନୀ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସହିତ କିପରି ମୁକାବିଲା କରିବେ ତାହା ଜାଣିଛୁ ।ୟୁକ୍ରେନୀୟ ରାଷ୍ଟ୍ରପତି କହିଛନ୍ତି, ମୁଁ ଇରାନ ଦ୍ୱାରା ପ୍ରଭାବିତ ମଧ୍ୟପ୍ରାଚ୍ୟ ଦେଶମାନଙ୍କୁ ଏକ ପରାମର୍ଶ ଦେବାକୁ ଚାହେଁ। ପୂର୍ବପ୍ରାଚ୍ୟ ଦେଶଗୁଡ଼ିକର ରୁଷ ସହିତ ଭଲ ସମ୍ପର୍କ ଅଛି। ତେଣୁ, ସେମାନେ ରୁଷକୁ ଏକ ମାସ ପାଇଁ ଅସ୍ତ୍ରବିରତି ଅନୁରୋଧ କରିପାରିବେ। ଯଦି ରୁଷ ରାଜି ହୁଏ, ତେବେ ୟୁକ୍ରେନ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ସହାୟତା କରିବାକୁ ପ୍ରସ୍ତୁତ ଜେଲେନସ୍କି କହିଛନ୍ତି ଯେ ଇରାନ ଯେଉଁ ହାରରେ ଆକ୍ରମଣ କରୁଛି, ସେହି ହାରରେ ଏହି ଯୁଦ୍ଧ ଦୁଇ ସପ୍ତାହ କିମ୍ବା ଦୁଇ ମାସ ପର୍ଯ୍ୟନ୍ତ ଚାଲିପାରେ

ସୂଚନାଯୋଗ୍ୟ,ୟୁକ୍ରେନ ଲଗାତାର ନିଃସର୍ତ୍ତ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇଆସିଛି। କିନ୍ତୁ ମସ୍କୋ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛି । ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ କେପି ଉନ୍ନିକୃଷ୍ଣନଙ୍କ ଦେହାନ୍ତ



ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ କେପି ଉନ୍ନିକୃଷ୍ଣଙ୍କର କେରଳରନ କୋଝିକୋଡର ଏକ ଘରୋଇ ହସ୍ପିଟାଲରେ ୮୯ ବର୍ଷ ବୟସରେ ଦେହାନ୍ତ ଘଟିଛି। ରିପୋର୍ଟ ଅନୁଯାୟୀ, କେ.ପି. ଉନ୍ନିକୃଷ୍ଣନ୍ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ ଏବଂ କୋଝିକୋଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତ ଖବର ରାଜନୈତିକ ଏବଂ ସାମାଜିକ ମହଲରେ ଶୋକର ଛାୟା ଖେଳିଗଲା । କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ଶୋକ ପ୍ରକାଶ କରି କହିଛନ୍ତି ଯେ, ରାଜ୍ୟ ଜଣେ ବରିଷ୍ଠ ନେତାଙ୍କୁ ହରାଇଲା ଯିଏ ଆଦର୍ଶ ଶକ୍ତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଜନଜୀବନକୁ ସମୃଦ୍ଧ କରିଥିଲେ ।କେ.ପି. ଉନ୍ନିକୃଷ୍ଣନ୍ ଏପରି ଏକ ପିଢ଼ିର ନେତା ଥିଲେ ଯେଉଁମାନେ ସଂସଦକୁ କେବଳ ସଂଖ୍ୟାର ଖେଳ ନୁହେଁ, ବରଂ ଚିନ୍ତାଧାରା ଏବଂ ନୀତିର ଏକ ମଞ୍ଚ ଭାବରେ ଦେଖୁଥିଲେ। ତାଙ୍କ ରାଜନୀତିରେ ନୀତିର ସ୍ପଷ୍ଟତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ହେଉଥିଲା ।କେରଳ ରାଜନୀତିରେ ତାଙ୍କର ଏକ ଅନନ୍ୟ ସ୍ଥାନ ଥିଲା । ସମାଜବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇ, ଉନ୍ନିକୃଷ୍ଣନ୍ ଦୀର୍ଘ ସମୟ ଧରି କଂଗ୍ରେସ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେ ରାଷ୍ଟ୍ରୀୟ ମୋର୍ଚ୍ଚା ସରକାର ସମୟରେ କେନ୍ଦ୍ର କ୍ୟାବିନେଟରେ କାର୍ଯ୍ୟ କରିଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ସ୍ୱେଚ୍ଛାଚାରୀ ଶାସନର ଜଣେ କଠୋର ସମାଲୋଚକ ଭାବରେ ଉଭା ହୋଇଥିଲେ। ତାଙ୍କର ରାଜନୈତିକ ଯାତ୍ରା ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଘଟିଥିବା ଆଦର୍ଶଗତ ପରିବର୍ତ୍ତନ ଏବଂ ସଂଘର୍ଷକୁ ପ୍ରତିଫଳିତ କରିଥିଲା। ସେ ସମାଜବାଦୀ ଦଳରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ,୧୯୬୨ ମସିହାରେ, ସେ କଂଗ୍ରେସ କମିଟିର ସଦସ୍ୟ ହୋଇ ଜାତୀୟ ରାଜନୀତିରେ ତାଙ୍କର ଦୀର୍ଘ ଏବଂ ପ୍ରଭାବଶାଳୀ ଯାତ୍ରା ଆରମ୍ଭ କରିଥିଲେ। ୧୯୭୧ ମସିହାରେ ଭାଡାକରାରୁ ଲୋକସଭାକୁ ନିର୍ବାଚିତ ହେବା ପରେ, ସେ ୧୯୭୭, ୧୯୮୦, ୧୯୮୪, ୧୯୮୯ ଏବଂ ୧୯୯୧ ମସିହାରେ ଏହି ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଦୃଢ଼ ସମର୍ଥନ ଆଧାର ସହିତ, ସେ ଏକ ବ୍ୟକ୍ତିଗତ ପ୍ରଭାବ ପକାଇଥିଲେ ଯାହା ଦଳୀୟ ସୀମା ଅତିକ୍ରମ କରିଥିଲା।

## ଇରାନ ସମର୍ଥନରେ ବିବୃତି ଜାରି କରି ସମସ୍ୟାରେ ମାଲେସିଆ



ଇରାନ ପରେ ଇହୁଦୀ ସମ୍ପ୍ରଦାୟର ନଜର ଏବେ ମାଲେସିଆ ଉପରେ ରହିଛି। ଇସ୍ରାଏଲ ସହିତ ଜଡିତ ଏକ ଇହୁଦୀ ସଂଗଠନ ମାଲେସିଆରେ ଏକ କ୍ଷମତା ଦଖଲ ବିଦ୍ରୋହ ଉଦ୍ୟମ ଆରମ୍ଭ କରିଛି । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଏହି ଅଭିଯୋଗ ଆଣିଛନ୍ତି। ଇବ୍ରାହିମ ଦାବି କରିଛନ୍ତି ଯେ, ଏହି ଇହୁଦୀ ଗୋଷ୍ଠୀ ବ୍ଲୁମବର୍ଗ ମାଧ୍ୟମରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ମାଲେସିଆ ବିଷୟରେ ନକାରାତ୍ମକ ଖବର ପ୍ରସାରଣ କରୁଛି, ଯାହା ଦ୍ୱାରା ଆମେରିକୀୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରିବ।ଇବ୍ରାହିମ ବିଦ୍ରୋହ ଷଡ଼ଯନ୍ତ୍ରର ତଦନ୍ତ ପାଇଁ ଆହ୍ୱାନ ଦେଇଛନ୍ତି ।ଦି ଷ୍ଟାର ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ମାଲେସିଆ ସଂସଦରେ ଭାଷଣ ଦେଇ ଅନୱର କହିଛନ୍ତି, ମୋ ସରକାରକୁ ଭାଙ୍ଗିବା ପାଇଁ ଏକ ଷଡ଼ଯନ୍ତ୍ର ଚାଲିଛି। ଏହି ଷଡ଼ଯନ୍ତ୍ର ପଛରେ ଏକ ଇହୁଦୀ ଗୋଷ୍ଠୀ ରହିଛି। ଏହା ସହ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଓ କିଛି ସ୍ଥାନୀୟ ବିରୋଧୀ ନେତା ମଧ୍ୟ ଏଥିରେ ସାମିଲ ଅଛନ୍ତି। ମୁଁ ଏହା ହେବାକୁ ଦେବି ନାହିଁ। ମୁଁ ଖୁବ୍ ଶୀଘ୍ର ତଦନ୍ତ କରି ଦୋଷୀମାନଙ୍କୁ ଗିରଫ କରିବି।ଅନୱର ଇବ୍ରାହିମ କହିଛନ୍ତି, ମୁଁ ଗାଜା ଓ ଇରାନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲି। ଏହି କାରଣରୁ, ଇହୁଦୀ ଗୋଷ୍ଠୀଗୁଡ଼ିକ ମୋତେ ଟାର୍ଗେଟ କରୁଛନ୍ତି। ଗାଜା ଓ ଇରାନ ଉପରେ କହିବା କ''''ଣ ଅପରାଧ ? ମୁଁ କହିବା ଜାରି ରଖିବି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହୋଇଯିବ।ସେ ମାଲେସିଆର ବିରୋଧୀ ଦଳକୁ ମଧ୍ୟ ସମାଲୋଚନା କରିଥିଲେ । ଅନୱର କହିଛନ୍ତି, ବିରୋଧୀ ଦଳ କ'ଣ ସରକାରକୁ ଭାଙ୍ଗିବା ପାଇଁ ଇହୁଦୀମାନଙ୍କ ସହ ମିଶିଛନ୍ତି ? ମାଲେସିଆର ଲୋକମାନେ ଏପରି ଲୋକଙ୍କୁ କେବେ କ୍ଷମା କରିବେ ନାହିଁ। ୨୦୨୦ ଏବଂ ୨୦୨୧ରେ ମାଲେସିଆରେ ମଧ୍ୟ ସରକାରଙ୍କୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଥିଲା , ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାକୁ ନିନ୍ଦା କରିବାରେ ମାଲେସିଆ ପ୍ରଥମ ଦେଶ ଥିଲା। ମାଲେସିଆ ଖୋଲାଖୋଲି ଭାବରେ ଇରାନକୁ ସମର୍ଥନ କରିଥିଲା ।

## ଦିଲ୍ଲୀପ ନିଶ୍ଚୟ ବିଜୟୀ ହେବେ: ମୁଖ୍ୟମନ୍ତ୍ରୀ



ଦିଲ୍ଲୀପ ରାୟ ଜଣେ ବିଚକ୍ଷଣ ଓ ବୁଦ୍ଧି ସମ୍ପନ୍ନ ରାଜନେତା କହିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ନିଜସ୍ୱ ଶକ୍ତି ବଳରେ ରାଜ୍ୟସଭାକୁ ଯିବାର ନଜିର ରହିଛି । ଆମ ଦଳର ସଭାପତି ଦିଲ୍ଲୀପଙ୍କୁ ସମର୍ଥନ ଘୋଷଣା କରି ସାରିଛନ୍ତି । ସ୍ପଷ୍ଟ ସଂଖ୍ୟା ନଥିଲେ ବି ସେ ସ୍ୱାଧୀନ ଭାବେ ବିଜୟୀ ହେବେ । ସଭାପତି ମନମୋହନ ସାମଲ, ସାଂସଦ ସୁଜିତ କୁମାର ଆମର ପ୍ରାର୍ଥୀ ।ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି , ଗୃହ ମନ୍ତ୍ରୀ ଅମିତ ସାହ, ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଶାହ, ମୋହନ, ମନମୋହନଙ୍କୁ ଭେଟିଛି: ଦିଲ୍ଲୀପ



ସ୍ୱାଧୀନ ପ୍ରାର୍ଥୀତ୍ୱ ଘୋଷଣା ପରେ ଦିଲ୍ଲୀପ ରାୟ ବଡ ଘୋଷଣା କରିଛନ୍ତି । କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସଭାପତି ମନମୋହନ ସାମଲଙ୍କୁ ଭେଟି ସାରିଛି । ସବୁ ଦଳର ସମର୍ଥନ ପାଇଁ ଉଦ୍ୟମ ଜାରି ରଖିବି । ନବୀନ ବାବୁ ଓ ଭକ୍ତ ବାବୁଙ୍କୁ ଭେଟିବା ପାଇଁ ସମୟ ମାଗିବି । ଯଦି ସେମାନେ ସମୟ ଦିଅନ୍ତି ତାହାଲେ ଭେଟି ସମର୍ଥନ ଲୋଡିବି ।୨୦୦୨ ନିର୍ବାଚନରେ ୩୦ ଭୋଟ ପାଇଥିଲି । ଏଥର ବି ଆଶାବାଦୀ କହିଛନ୍ତି ଦିଲ୍ଲୀପ । ଅନ୍ୟପଟେ ଆହୁରି କହିଛନ୍ତି , ମୁଁ ଏବେ ବି ବିଜେପିରେ ଅଛି । ରାଜ୍ୟସଭାର ସ୍ୱାଧୀନ ପ୍ରାର୍ଥୀ ଭାବେ ମୁଁ ୫ ତାରିଖରେ ନାମାଙ୍କନ ଦାଖଲ କରିବି । ଏଥିନେଇ କେନ୍ଦ୍ର ରାଜ ନେତୃତ୍ୱଙ୍କ ସହ କଥା ହୋଇଛି ।

## ଦୋଳପୂର୍ଣ୍ଣିମା: ମହାପ୍ରଭୁଙ୍କ ସହ ଫଗୁ ଖେଳିଲେ ଭକ୍ତ



ଶ୍ରୀକ୍ଷେତ୍ରରେ ଆଜି ଆଧାତ୍ମିକ ପରିବେଶ। ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ରତ୍ନବେଦୀରୁ ଦୋଳବେଦୀକୁ ବିଜେ କରିଛନ୍ତି ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ। ଏହି ଅବସରରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଅପୂର୍ବ ମିଳନ।ଦୋଳବେଦୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଫଗୁ ଖେଳିବାର ସୁଯୋଗକୁ କୌଣସି ଭକ୍ତ ହାତଛଡ଼ା କରିନାହାନ୍ତି। ଚତୁର୍ଦ୍ଦିଗ ଫଗୁ ଓ ଅବିରରେ ରଙ୍ଗେଇ ହୋଇଯାଇଥିବା ବେଳେ ଭକ୍ତମାନେ ମହାପ୍ରଭୁଙ୍କ ଉପରକୁ ଫଗୁ ଫିଙ୍ଗି ନିଜକୁ ଧନ୍ୟ ମନେ କରିଛନ୍ତି। ହରିବୋଲ ଓ ହୁଳହୁଳି ଶବ୍ଦରେ କମ୍ପୁଛି ଶ୍ରୀକ୍ଷେତ୍ର।ତେବେ ଏହି ଆନନ୍ଦ ଉଲ୍ଲାସ ଭିତରେ ଦୋଳବେଦୀରେ ଠାକୁରଙ୍କ ପ୍ରବେଶ ସମୟରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ସହ ଫଗୁ ଖେଳିବା ଏବଂ ଟିକେ ପାଖରୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖାଦେଇଥିଲା।

## ମଧ୍ୟପ୍ରାଚ୍ୟରେ ଓଡିଆଙ୍କ ପାଇଁ ହେଲ୍ପଲାଇନ ଜାରି



ମଧ୍ୟପ୍ରାଚ୍ୟରେ ଫସି ଥିବା ଓଡିଆଙ୍କ ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି । ଯୁଦ୍ଧକାଳୀନ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡିଶା ସରକାର ନିଷ୍ପତ୍ତି ନେଇଛନ୍ତି । ଏନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଲେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଓଡିଶା ପରିବାର , ଗୃହ ବିଭାଗ ଓ ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ବୈଠକ କରାଯାଇଥିଲା ।ବୈଦେଶିକ ମନ୍ତ୍ରୀଳୟ ପକ୍ଷରୁ ନମ୍ବର ମଧ ଜାରି କରାଯାଇଛି । ନମ୍ବର ହେଉଛି- ୮୦୦୪୬୩୪୨, ହ୍ୱାଟସଆପ ନମ୍ବର ହେଉଛି- ୯୭୧୫୪୩୦୯୦୫୭୧ । ସେହିପରି ଓଡଶା ପରିବାର ସ୍ୱତନ୍ତ୍ର ଅଧିକାରୀଙ୍କୁ ୯୫୮୩୩୨୧୯୬ ରେ ସମ୍ପର୍କ କରିପାରିବେ । ମଧ୍ୟପ୍ରାଚ୍ୟରେ ରହୁଥିବା କିଛି ପ୍ରବାସୀ ଓଡିଆ କିଭଳି ସୁରକ୍ଷିତ ଭାବେ ତାହାକୁ ନେଇ ରାଜ୍ୟ ସରକାର ନଜର ରଖିଛନ୍ତି ।ଶନିବାର ଦିନ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ ଆରମ୍ଭ ହୋଇଥିବା ଯୁଦ୍ଧ ଯୋଗୁଁ କିଛି ପ୍ରମୁଖ ଏୟାରଲାଇନ୍ସ ଏହି ଅଞ୍ଚଳକୁ ଏବଂ ସେଠାରୁ ଉଡ଼ାଣ ବାତିଲ କରିଦେଇଥିବାରୁ ଏହି ମାର୍ଗଦର୍ଶନ ଦିଆଯାଇଛି। ଏହା ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଆଞ୍ଚଳିକ ସଂଘର୍ଷରେ ପରିଣତ ହୋଇଛି, ଯାହା ପାଖାପାଖି ପ୍ରାୟ ପ୍ରତ୍ୟେକ ଦେଶକୁ ପ୍ରଭାବିତ କରିଛି।ଇସ୍ରାଏଲ ଏବଂ ଆମେରିକା ଇରାନ ବିରୁଦ୍ଧରେ ଏକ ନିରନ୍ତର ସାମରିକ ଅଭିଯାନ ଆରମ୍ଭ କରିଥିଲେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଏହି ଅଭିଯାନ କିଛି ସପ୍ତାହ ପର୍ଯ୍ୟନ୍ତ ଲମ୍ବିତ ହୋଇପାରେ। ଇରାନ ଏବଂ ଏହାର ସହଯୋଗୀମାନେ ଇସ୍ରାଏଲ, ଉପସାଗରୀୟ ରାଷ୍ଟ୍ର ଏବଂ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଉପରେ ଆକ୍ରମଣ କରି ପ୍ରତିଶୋଧ ନେଇଥିଲେ।

## ଅଭିଯୋଗ ଶୁଣାଣିକୁ ପ୍ରଶାସନିକ ଅଧିକାରୀ ଦେଉ ନାହାନ୍ତି କି ଗୁରୁତ୍ୱ?



ନୂଆ ସରକାର ଆସିବା ପରେ ଅଭିଯୋଗ ଶୁଣାଣିକୁ ଅତ୍ୟାଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ପ୍ରଶାସନିକ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସେତେଟା ଗୁରୁତ୍ୱ ଦେଉନାହାନ୍ତି। ତାହା ଜିଲ୍ଲା ସଦରମହକୁମାର ନବରଙ୍ଗପୁର ପୌରପାଳିକାରେ ହୋଇଥିବା ଏହି ମାସର ପ୍ରଥମ ଅଭିଯୋଗ ଶୁଣାଣିରେ ଚିତ୍ର ଦେଖିବାକୁ ମିଳିଥିଲା।ନିର୍ଦ୍ଧାରିତ ସମୟ ସାଢ଼େ ୧୦ଟାରେ ହାତ ଗଣତି ମାତ୍ର ୧୦ଟି ଜିଲ୍ଲାସ୍ତରୀୟ ଅଧିକାରୀ, ପୌରନିର୍ବାହୀ ଅଧିକାରୀଙ୍କୁ ବାଦ୍ ଦେଲେ କାହାରି ଦେଖାନଥିଲା।ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଦଶହରାପଦାର ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଚାନକ ତଦାରଖରେ ଯାଇ ଫେରିଥିଲେ। ସେ ଫେରି ଅଭିଯୋଗ ଶୁଣାଣି ଆରମ୍ଭ କରିବା ପରେ ଧୀରେଧୀରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପହଚିଂଥିଲେ। ତା ବାଦେ ବି ୧୦ରୁ ଉର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଥିଲା। ଆସିଥିବା ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ମୋବାଇଲରେ ମାତି ରହିଥିଲେ। ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ ନଥିବା ଦେଖି ଜିଲ୍ଲାପାଳ ବି ପ୍ରତିକ୍ରିୟା ପ୍ରକାଶ କରିଥିଲେ।ତେବେ ହୋଲି ଓ ଦୋଳର ସରକାରୀ ଛୁଟି ଥିବାରୁ ସରକାରୀ ବାବୁମାନେ ଆଗୁଆ ଛୁଟି ନେଇ ଗାୟବ। ଏଭଳିକି ଜିଲ୍ଲାପାଳ କିଛି ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଖୋଜୁଥିବା ବେଳେ ମିଳିନଥିଲେ। ଜିଲ୍ଲାପାଳ ଓ ଏସପି ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ସିଡିଓ ବିରଂଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସହ ହାତ ଗଣତି କିଛି ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ୫୫ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ୪୬ଟି ବ୍ୟକ୍ତିଗତ ସମସ୍ୟା ଓ ୯ଟି ଗ୍ରାମ୍ୟ ଏବଂ ସାମୁହିକ ସମସ୍ୟା ସମ୍ମିଳିତ ରହିଥିଲା। ୪ଟି ଅଭିଯୋଗ ଶୁଣାଣୀରେ ସମାଧାନ କରାଯାଇଥିଲା। ବିଳମ୍ବରେ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଆସିଥିବାକୁ ମାନିଛନ୍ତି ଜିଏଣ୍ଡଏମ୍ ବିଭାଗର ଆସିଷ୍ଟାଣ୍ଟ କଲେକ୍ଟର ଶିବଶଙ୍କର ପାଢ଼ୀ।

## ରାଜ୍ୟସଭା: ନବୀନ- ଭକ୍ତ ବନାମ ମୋଦୀ



ରାଜ୍ୟସଭା ନିର୍ବାଚନ ନେଇ ରାଜ୍ୟ ରାଜନୀତି ବେଶ ସରଗରମ । ଦିଲ୍ଲୀପ ରାୟ ରାଜ୍ୟସଭା ମଇଦାନକୁ ଓହ୍ଲାଇବା ପରେ ଲଢେଇ ଜୋରଦାର ହେବ ବୋଲି କୁହାଯାଉଛି । ଆହୁରି କୁହାଯାଉଛି ଯେ, ରାଜ୍ୟସଭା ନିର୍ବାଚନରେ ଘୋଡା ବେପାର ନେଇ ବାଟ ଖୋଲିଲା । ବେଶ ଅଭିଜ୍ଞ ଦିଲ୍ଲୀପଙ୍କୁ ନେଇ ଶାସକ ବିଜେପି ଆଶାବାଦୀ ଅଛନ୍ତି । ଅତୀତରେ ବିଜେଡିକୁ ଚକମା ଦେଖାଇ ଦିଲ୍ଲୀପ ରାଜ୍ୟସଭା ଯାଇଛନ୍ତି ।ଏପରି ସ୍ଥିତି ରେ ବିଜେଡି- କଂଗ୍ରେସ ମିଳିତ ପ୍ରାର୍ଥୀଙ୍କୁ ନେଇ ସସପେନ୍ସ ରହିଛି । ବିଜେଡି- କଂଗ୍ରେସର ମିଳିତ ପ୍ରାର୍ଥୀ ହେଉଛନ୍ତି ଡାକ୍ତର ଦତ୍ତେଶ୍ୱର ହୋତା । ଦତ୍ତେଶ୍ୱରଙ୍କୁ ନବୀନ କମନ କ୍ୟାଣ୍ଡିଡେଟ କରିବା ପରେ କଂଗ୍ରେସ ସମର୍ଥନ ଦେଇଛି ।ତେବେ ବଡ କଥା ହେଉଛି ଚତୁର୍ଥ ସିଟ କାହାର ହେବ । ଡାକ୍ତର ଦତ୍ତେଶ୍ୱର ହୋତା ନା ଦିଲ୍ଲୀପ ରାୟ । ବିଜେଡି ସଂତୃପ୍ତ ମିଶ୍ର ଏବଂ ଦତ୍ତେଶ୍ୱରଙ୍କ ନାଁ ଘୋଷଣା କରିଥିବା ବେଳେ ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଉଥିଲା । ବର୍ତ୍ତମାନ ଦିଲ୍ଲୀପ ରାୟଙ୍କୁ ସମର୍ଥନ ଦେବ ବୋଲି ବିଜେପି ଘୋଷଣା କରିବା ପରେ ନବୀନଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିଶ୍ଚୟ ଜିତିବେ । ଏଥିରୁ ଜଣାପଡୁଛି । ବିଜେଡି ନିଶ୍ଚିନ୍ତ କିଛି ବଡ ଧରଣର ଖେଳ ଖେଳିବ । ଅତୀତରେ ଦିଲ୍ଲୀପ ନବୀନଙ୍କୁ ରାଜ୍ୟସଭା ନିର୍ବାଚନରେ ଝଟକା ଦେଇଥିଲେ ।୨୦୦୨ରେ ବିଜେଡି ପ୍ରାର୍ଥୀ ହୋଇଥିବା ନବୀନଙ୍କ ଡୁନ ସ୍କୁଲ ସାଥୀ ବରିଷ୍ଠ ନେତା ଅନଙ୍ଗ ଉଦୟସିଂଙ୍କୁ ହାରିବାକୁ ପଡିଥିଲା । ସେତେବେଳେ ନବୀନ କ୍ଷମତାରେ ଥାଇ ମଧ କିଛି କରିପାରିନଥିଲେ । ନିଜ ଦଳର କ୍ରସ ଭୋଟିଂଙ୍କୁ ପରଖି ପାରିନଥିଲେ । କ୍ରସ ଭୋଟିଂ କରାଇବାରେ ଦିଲ୍ଲୀପ ମାହିର ବୋଲି ସେତେବେଳେ କୁହାଯାଉଥିଲା । ବର୍ତ୍ତମାନ ସେହି ପରିସ୍ଥିତି ନବୀନଙ୍କ ଆଗରେ ଛିଡା ହୋଇଛି । ନବୀନ ସେ ସମୟରେ ଦଳର ୬ ଜଣ ବିଧାୟକଙ୍କୁ ନିଲମ୍ବିତ କରିଥିଲେ । କିନ୍ତୁ ନିଲମ୍ବନ ଏ ସମସ୍ୟାର ସମାଧାନ ନୁହେଁ । ବର୍ତ୍ତମାନଡଦତ୍ତେ ଶ୍ୱର ହୋତାଙ୍କ ଜିତିବା ହାରିବା ତାଙ୍କ ପାଇଁ ଯେତିକି ବଡ କଥା ନୁହେଁ , ଏବେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଓ କଂଗ୍ରେସ ରାଜ୍ୟ ମୁଖିଆ ଭକ୍ତ ଦାସଙ୍କ ସମ୍ମାନର ପ୍ରଶ୍ନ ଉଠିଛି ନବୀନଙ୍କ ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ସୋମବାର ବିଧାୟକ ଦଳର ବୈଠକ ପରେ ଦତ୍ତେଶ୍ୱରଙ୍କୁ ସମର୍ଥନ ଘୋଷଣା କରିଛନ୍ତି । ଦତ୍ତେଶ୍ୱର ମଧ କଂଗ୍ରେସ ବିଧାୟକ ଦଳ ବୈଠକରେ ସେମାନଙ୍କ ସମର୍ଥନ ଲୋଡିବାକୁ ଯାଇଥିଲେ । ଏଣୁ ଉଭୟ ନେତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଡୁଆରେ ପକାଇଛନ୍ତି । ରାଜନେତା ଭାବରେ ଦିଲ୍ଲୀପ ଯେତିକି ଜଣାଶୁଣା ନୁହଁନ୍ତି, ଜଣେ ସଫଳ ହୋଟେଲ ବ୍ୟବସାୟୀ ଭାବରେ ବେଶ ପରିଚିତ । ଦେଶର ବିଭିନ୍ନ ସ୍ଥାନରେ ସେ ହୋଟେଲ ବ୍ୟବସାୟୀ ମେଲାଇଛନ୍ତି । ତାଙ୍କ ଅର୍ଥ ଆଗରେ ଡାକ୍ତର ହୋତା ପାସାଙ୍ଗରେ ପଡିବେ ନାହିଁ ବୋଲି କୁହାଯାଉଛି । ସଂଖ୍ୟା ଗଣିତ ଅନୁସାରେ ଦିଲ୍ଲୀପଙ୍କୁ ଜିତେଇବା ପାଇଁ ବିଜେପି ହାତରେ ଆବଶ୍ୟକ ସଂଖ୍ୟକ ବିଧାୟକ ନାହାନ୍ତି । ଏଥିପାଇଁ ତାଙ୍କୁ ଅନ୍ୟୁନ ୮ ଜଣ ବିଧାୟକଙ୍କର ସମର୍ଥନ ଆବଶ୍ୟକ ପଡିବ ।କଂଗ୍ରେସ ଓ ବିଜେପିରୁ ସେ କ୍ରସ ଭୋଟିଂ କରି ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କୁହାଯାଇଛି । ବିଶେଷକରି କଂଗ୍ରେସରୁ ଅଧିକ ଆସନ ନେବେ ବୋଲି କୁହାଯାଇଛି । କିନ୍ତୁ ବିଜେଡି ଓ କଂଗ୍ରେସ ଉଭୟ କଂଗ୍ରେସକୁ ସମର୍ଥନ ଦେଉଥିବାରୁ ଦୁଇ ଦଳର ନେତା ଯଦି ନିଜ ନିଜ ଦଳର ବିଧାୟକଙ୍କୁ ଏକାଠି ରଖିପାରିବେ ଦତ୍ତେଶ୍ୱେରଙ୍କୁ ଜିତିବା ସହଜ ହେବ । ଘୋଡା ବେପାରରେ ତାଙ୍କୁ ସାମିଲ ହେବାକୁ ପଡିବ ନାହିଁ । ଘୋଡା ବେପାର ଯଦି ହୁଏ, ତେବେ ଦିଲ୍ଲୀପଙ୍କ ଆଗରେ ଦତ୍ତେଶ୍ୱର ଟେକିବା ସମ୍ଭବ ହୋଇନପାରେ ବୋଲି କୁହାଯାଉଛି ।

## ଓଡ଼ିଶାରୁ ବିଜେପିର ରାଜ୍ୟସଭା ପ୍ରାର୍ଥୀ ତାଲିକା ଘୋଷଣା, ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ମିଳିଲା ସୁଯୋଗ



ଓଡ଼ିଶାରୁ ବିଜେପିର ରାଜ୍ୟସଭା ପ୍ରାର୍ଥୀ ତାଲିକା ଘୋଷଣା। ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ମିଳିଲା ସୁଯୋଗ। ଭାରତୀୟ ଜନତା ପାର୍ଟି ଓଡ଼ିଶାରୁ ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ଦୁଇଜଣ ପ୍ରମୁଖ ନେତାଙ୍କ ନାମ ଚୂଡ଼ାନ୍ତ କରିଛି। ପାର୍ଟି ପକ୍ଷରୁ ଅଭିଜ୍ଞ ନେତା ମନମୋହନ ସାମଲ ଏବଂ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯାଇଛି।ଦଳର ସାଂଗଠନିକ ଶକ୍ତି ଏବଂ ଆଞ୍ଚଳିକ ପ୍ରତିନିଧିତ୍ୱକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ପଛରେ ରହିଛି ସାଂଗଠନିକ ଗୁରୁତ୍ୱ ଓ ସଂସଦୀୟ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି।ମନମୋହନ ସାମଲ ଜଣେ ଟାଣୁଆ ସାଂଗଠନିକ ନେତା ଏବଂ ବର୍ତ୍ତମାନ ଓଡ଼ିଶା ବିଜେପିର ସଭାପତି ଅଛନ୍ତି। ତାଙ୍କର ଦୀର୍ଘ ବର୍ଷର ରାଜନୈତିକ ଅଭିଜ୍ଞତା ଏବଂ ତୃଣମୂଳ ସ୍ତରରେ କର୍ମକର୍ତ୍ତାଙ୍କ ସହ ଥିବା ଗଭୀର ସମ୍ପର୍କ ଦଳକୁ ଆଗାମୀ ଦିନରେ ଅଧିକ ସୁଦୃଢ଼ କରିବ। ରାଜ୍ୟସଭାକୁ ପଠାଇ ଦଳ ଜଣେ ଅଭିଜ୍ଞ ସାରଥୀଙ୍କୁ ସମ୍ମାନ ଦେଇଛି। ସୁଜିତ କୁମାର ନିଜର ସଂସଦୀୟ ଅଭିଜ୍ଞତା ଏବଂ ସଂସଦୀୟ ନିୟମାବଳୀ ଉପରେ ଗଭୀର ଜ୍ଞାନ ପାଇଁ ଜଣାଶୁଣା। ତାଙ୍କୁ ପୁଣିଥରେ ପ୍ରାର୍ଥୀ କରି ବିଜେପି ଉପର ସଦନରେ ନିଜର ପକ୍ଷକୁ ଯୁକ୍ତିଯୁକ୍ତ ଭାବେ ଉପସ୍ଥାପନ କରିବାକୁ ଚାହୁଁଛି। ସେ ପଶ୍ଚିମ ଓଡ଼ିଶାର କଳାହାଣ୍ଡିରୁ ଆସୁଥିବାରୁ ଦଳର ସେଠାରେ ଥିବା ପତିଆରା ମଧ ବଜାୟ ରହିବ। ଆଞ୍ଚଳିକ ସନ୍ତୁଳନକୁ ମଧ ଗୁରୁତ୍ୱ ଦେଇଛି ବିଜେପି। ବିଜେପି ଏହି ଚୟନ ମାଧମରେ ସମଗ୍ର ଓଡ଼ିଶାକୁ ଏକ ବଡ଼ ସନ୍ଦେଶ ଦେଇଛି। ମନମୋହନ ସାମଲ ଉପକୂଳ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ବେଳେ ସୁଜିତ କୁମାର ପଶ୍ଚିମ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ଏହାଦ୍ୱାରା ଦଳ ଉଭୟ ଅଞ୍ଚଳ ମଧରେ ଏକ ରାଜନୈତିକ ସନ୍ତୁଳନ ରକ୍ଷା କରିବାକୁ ସକ୍ଷମ ହୋଇଛି ବିଜେପି।

## ଆସନ୍ତାକାଲି ଠାରୁ କିଟ୍ ଷ୍ଟାଡିୟମ୍ ରେ ଏଫ୍ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ ଚାମ୍ପିୟନ୍‌ସିପ୍




କିଟ୍ ଦୂତୀ ଚାନ୍ଦ ଷ୍ଟାଡିୟମ୍ ରେ ଆସନ୍ତାକାଲି ଠାରୁ ଆୟୋଜିତ ହେବାକୁ ଯାଉଥିବା ଏଫ୍ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ ଚାମ୍ପିୟନ୍‌ସିପ୍ ୨୦୨୬ କେବଳ କିଟ୍ ପାଇଁ ନୁହଁ ବରଂ ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ସମ୍ମାନ ଓ ମର୍ଯ୍ୟଦାର ବିଷୟ । ଏଠାରେ ଖେଳୁଥିବା କ୍ରୀଡ଼ାବିତ୍ ଙ୍କୁ ମିଳିବ ପଏଣ୍ଟ, ଯାହା ତାଙ୍କୁ ଅଲିମ୍ପିକ୍ ପାଇଁ ସହାୟକ ହେବ ବୋଲି କହିଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ।ବିଶ୍ୱର ଶ୍ରେଷ୍ଠ ଖେଳାଳି ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । ବର୍ତ୍ତମାନ୍ ଦୂତୀ ଚାନ୍ଦ ଷ୍ଟାଡିୟମ୍ ରେ ଆୟୋଜିତ ଏହି ବିଶ୍ୱସ୍ତରୀୟ କ୍ରୀଡ଼ା ମହାକୁମ୍ଭ ପାଇଁ ୬ଟି କୋର୍ଟ ପ୍ରସ୍ତୁତ କରାଯାଇଛି ।ସମସ୍ତ ମ୍ୟାଚ୍ ସକାଳ ଓ ସନ୍ଧ୍ୟାରେ ଏହି ଖେଳାଯିବ । ଏଫ୍ଆଇଭିବିର ସଦସ୍ୟ ଦେଶଗୁଡ଼ିରେ ଏହାର ସିଧାପ୍ରସାରଣ କରାଯିବ ବୋଲି ଡ ଦାଶ ସୂଚନା ଦେଇଛନ୍ତି । ଏହାସହ ବିଦେଶରୁ ଆସିଥିବା ଅନ୍ତର୍ଜାତୀୟ ଖେଳାଳିମାନେ ଓଡ଼ିଶାର ପୁରୀ, କୋଣାର୍କ, ଚିଲିକା ଓ ଭୁବନେଶ୍ୱର ଭଳି ପର୍ଯ୍ୟଟନ ସ୍ଥଳୀ ସବୁ ବୁଲିବେ । ଗତ ମାର୍ଚ୍ଚ୧ ତାରିଖରୁ ଅନ୍ତର୍ଜାତୀୟ ଖେଳାଳି ଏବେ କିଟ୍ ରେ ଅଭ୍ୟାସ କରୁଛନ୍ତି, ଖେଳ ସରିବା ପରେ ୮ ତାରିଖରେ ନିଜ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ ଖେଳାଳି ବୋଲି କହିଛନ୍ତି ପ୍ରଫେସର ଡ଼ ଅଚ୍ୟୁତ ସାମନ୍ତ । ଏହି ଖେଳାଳିମାନଙ୍କୁ ଓଡ଼ିଶା ତଥା ଭାରତ ବିଷୟରେ ଅଧିକ ତଥ୍ୟ ଦେବା ପାଇଁ ସ୍ୱତନ୍ତ୍ରଗାଇଡଙ୍କ ବ୍ୟବସ୍ଥା କରାଯାଇଛି ।ଏହି ବିଶ୍ୱସ୍ତରୀୟ କ୍ରୀଡ଼ା ମହାକୁମ୍ଭ ପାଇଁ ଉଭୟ କେନ୍ଦ୍ର ସରକାରରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସହ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସହାୟତା ମିଳିଛି ବୋଲି କହିଛନ୍ତି ଡ଼ ଅଚ୍ୟୁତ ସାମନ୍ତ । ଆଉ ମାତ୍ର କିଛି ଘଣ୍ଟାର ପ୍ରତୀକ୍ଷା ପରେ କିଟ୍ ବିଶ୍ୱବିଦ୍ୟାଳୟର ଦୂତୀ ଚାନ୍ଦ ଷ୍ଟାଡିୟମ୍ ରେ ଆୟୋଜିତ ହେବ ଏଫ୍ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ ଚାମ୍ପିୟନ୍‌ସିପ୍ । ଏବେ ସଂପୂର୍ଣ୍ଣ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା ବେଳେ ଅନ୍ତର୍ଜାତୀୟ ଖେଳାଳି ବର୍ତ୍ତମାନ ନିଜର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ।

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୪
ସତ୍ୟପତ୍ର
www.satyapatra.in

## ମୁରିବାହାଲ ମାହେଶ୍ୱରୀ ପୀଠ ରେ ଫାଲଗୁନ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ



ମୁରିବାହାଲ ୨/୩/୨୬ବଲାଙ୍ଗିର ଜିଲ୍ଲା ମୁରିବାହାଲ ସଦର ମହକୁମା ମାଁ ମାହେଶ୍ୱରୀ ପୀଠ ରେ ମହା ଆଡ଼ମ୍ବରରେ ଫାଲଗୁନ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ପୂଜାରୀ ନଅ ଅମାତ ମାନକୁ ଧରି ଛତର ଖଣ୍ଡା ବାଡି ଧରି ମନ୍ଦିର ବାହାର ପଡିଆ ରେ ପୂଜା କରି ହୋଲିକା ଦହନ କରିଥିଲେ। ଏହାପରେ ସେ ପୀଠ ରେ ମହା ଆଡ଼ମ୍ବରରେ ଫାଲଗୁନ ପୂର୍ଣ୍ଣିମା ପୂଜା କରା ଯାଇଥିଲା ଏହି ପୂଜା ରେ ପୂଜକ ରସିକବିହାରି ଯୋଷୀ, ଦେହେରୀ ତ୍ରିଶୀଙ୍ଗ ବଘାର, ବରୁଆ ଭକ୍ତବନ୍ଧୁ ବଘାର, ବରୁଆ ସତ୍ୟାନନ୍ଦ ଦନ୍ତା, ବରୁଆ ଉମେଶ ବଘାର, ନଅ ଅମାତ ଭାବରେ ବିରଞ୍ଚି ମେରଲି, ସୁଦର୍ଶନ କର୍ମୀ, ମୁରଲୀ ଖମାରୀ, ହୃର୍ଶିକେଶ ମାହାର, ଦଶରଥ ପ୍ରଧାନ, ଅରୁ ପଧାନ, ଅକୁର ପଧାନ, ପଲଟନ କର୍ମୀ, ସୁବାଷ ବଘାର , ଅଚ୍ୟୁତ ପଧାନ, ମାହେଶ୍ୱରୀ ପୂଜା ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ବଘାର, ଉମା ମାହେଶ୍ୱରୀ ସେନା ର ସଭାପତି ପିକୁନ ପଧାନ,ସଦସ୍ୟ ବିନୋଦ ବଘାର, ବାଲଗୋପଲ ବଘାର , ପିଣ୍ଟୁ ବଘାର, ପିତାମ୍ବର ବଘାର, ଦୁର୍ଯୋଧନ ବଘାର, କାର୍ତ୍ତିକ ବଘାର, ଯୁବରାଜ ବଘାର, ଗୌତମ ବଘାର, ବୁଲୁ ବଘାର, ପୀୟୁଷ ବଘାର, ବିଭିନ୍ନ ଗ୍ରାମ ରୁ ଆସିଥିବା ମାନ ଙ୍କ ମଧରେ ହେଲେ ଦୀନବନ୍ଧୁ କମ୍ପ, କୃଷ୍ଣ କରନ, ଜଗଦୀଶ ପ୍ରଧାନ, ନେପାଲ ମହାକୁର, ନିମାଇଁ ଚରଣ ପଧାନ, ଅଶୋକ ଖେତି, ତୁଲାରାମ ମହାନ୍ତି ପ୍ରମୁଖ ଏହି ଯାତ୍ରା ରେ ଉପସ୍ଥିତ ରହି ମାଁ ମାହେଶ୍ୱରୀ ଙ୍କ ଆଶୀର୍ବାଦ କୃପା ଲାଭ କରିଥିଲେ

## ବ୍ୟାଘ୍ର ଦେବୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ



ଧରାକୋଟ,2/3/26ଧରାକୋଟ ଗଡର ଇଷ୍ଟଦେବୀ ମା କୋଠରୀ ମନ୍ଦିର ପରିସରରେ ଥିବା ମା ବ୍ୟାଘ୍ରଦେବୀ ମନ୍ଦିର ର ପ୍ରତିଷ୍ଠା ଉତ୍ସବ ଚଳିତ ମାସର ସାତ ଓ ଆଠ ତାରିଖ ଅର୍ଥାତ ଆସନ୍ତା ଶନିବାର ଓ ରବିବାର ଦୁଇଦିନ ଧରି ହେବ । ଏହି ପ୍ରତିଷ୍ଠା କାର୍ଯ୍ୟକୁ ସୂଚାରୁ ରୁପେ ପାଳନ କରିବା ପାଇଁ ମା କୋଠରୀ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସାନ ଖେମୁନଡି ବିଧାୟକ ରମେଶ ଚନ୍ଦ୍ର ଜେନା,ମନ୍ଦିର କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ,ଶରତ ଚନ୍ଦ୍ର ରାଜ, ପ୍ରଭାକର ଗୌଡ଼,ରାମକୃଷ୍ଣ ପତ୍ରୀ, ମଙ୍ଗୁଲୁ ଦାସ ଓ ମୋତିଲାଲ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଶନିବାର କଳସ ଯାତ୍ରା, ଅଙ୍କୁରାରୋପଣ,ଅଧିବାସ,ହୋମ ଯଜ୍ଞ ଓ ମଙ୍ଗଳବାର ସାଲା ପୂଜା, ଦିକ୍ଷା ଗ୍ରହଣ,ସୂର୍ଯ୍ୟ ପୂଜା, ବନଯାଗ ପରେ ସାଳା ସଂସ୍କାର , ମହା ସ୍ନାନ ପରେ ପୂର୍ଣ୍ଣାହୁତି ଓ ଶେଷରେ ଅନ୍ନପ୍ରସାଦ ଲାଗି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ରାହ୍ମଣ ଓ ପଣ୍ଡିତ ମାନଙ୍କ ଦ୍ୱାରା ଦେବନୀତି ସହକାରେ ଏହି ପ୍ରତିଷ୍ଠା ଉତ୍ସବ ପାଳନ ହେବ ବୋଲି କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି ।

## କୁରାଳ ସମାଜର ବାର୍ଷିକ ଉତ୍ସବ ରେ ପୁସ୍ତକ ଉନ୍ମୋଚନ



ଧରାକୋଟ,2/3/26

ଧରାକୋଟ ତାଲୁକା କୁରାଳ ସମାଜର ବାର୍ଷିକ ଉତ୍ସବ ନିକଟସ୍ଥ ସିଙ୍ଗିପୁର ଗ୍ରାମ କଲ୍ୟାଣ ମଣ୍ଡପ ରେ ପାଳନ ହୋଇଯାଇଛି । ଅବସରପ୍ରାପ୍ତ ଅଧାପକ ଲଡୁ କିଶୋର ବେହେରା ଏଥିରେ ସଭାପତିତ୍ୱ କରିଥିଲାବେଳେ କୁଳାଧିଶ ଭିକା ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଶିକ୍ଷକ ଶଙ୍କର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଘୁମୁସର ତାଲୁକା ର ଅଶୋକ କୁମାର ବେହେରା,ସୋରଡା ତାଲୁକା ର କେଦାରନାଥ ବେହେରା,ବଡଗଡ ତାଲୁକା ର ଭିକାରୀ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି କୁରାଳ ସମାଜର ଗରିମା ରକ୍ଷା କରିବା ସହ ପାରମ୍ପରିକ କାର୍ଯ୍ୟସବୁ ଶୃଙ୍ଖଳିତ ଭାବରେ ପାଳନ ପାଇଁ ଜାତିଭାଇ ମାନଙ୍କୁ ଉପଦେଶ ଦେଇଥିଲେ । ଏହି ଅବସରରେ କସେଇ ପି ୟୁ ପି ଏସ ର ଶିକ୍ଷକ ଶଙ୍କର ବେହେରା ଙ୍କ ଦ୍ୱାରା ରଚିତ ପୁସ୍ତକ ସ୍ୱର୍ଣ୍ଣମୟୀ ଓଡ଼ିଶା କୁ କନିଷ୍ଠ ଯନ୍ତ୍ରୀ କାଲୁ ଚରଣ ବେହେରା ଉନ୍ମୋଚନ କରିଥିଲେ । ଏଥିରେ ଜୀତେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ପ୍ରାୟ ପାଞ୍ଚ ଶହ ରୁ ଅଧିକ ଜାତି ଭାଇ ଏଥିରେ ସାମିଲ ହୋଇଥିଲେ।

## ଉଚ୍ଚ ପଦସ୍ଥ ଅଫିସର ଓ ପରିଚାଳନା ପରିଷଦ ଚିନିକଳ କୁ ଖୋଳ କରିବାରେ ବ୍ୟସ୍ତ



ଆସିକା ଚିନୀଶିଳ୍ପ ଯାହାକି ଆମ ନୂଆଗାଁ ରେ ଅବସ୍ଥିତ,ଯାହାକି ଆସ୍କା-40 ନାମରେ ବିଖ୍ୟାତ.1963 ମସିହା ରେ ଆଖୁ ପେଢା ଆରମ୍ଭ କରିଥିବା ଏହି ଚିନୀଶିଳ୍ପ ପୂର୍ବରୁ ଦଶହରା ମାସରେ ଆରମ୍ଭ ହୋଇ ଦଣ୍ଡ ନାଚ ପର୍ଯ୍ୟନ୍ତ ଚାଲୁଥିଲା,2012 ମସିହା ରେ ବି 1 ଲକ୍ଷ 85 ହଜାର ଟନ ଆଖୁ ପେଢା ହୋଇଥିଲା କିନ୍ତୁ ଚଳିତ ବର୍ଷ ମାତ୍ର 20 ହଜାର ଟନ ଆଖୁ ପେଢା ହୋଇ ମାତ୍ର 26 ଦିନ ପରେ ଆସନ୍ତା କାଲି ଆଖୁ ପେଢା ଋତୁ ବନ୍ଦ ହେବାକୁ ଯାଉଛି,ଅତି ଦୁଃଖ ଓ ଦୁର୍ଭାଗ୍ୟ ର କଥା.ହେଲେ କାହିଁକି ଲୋକେ ଆଖୁ ଚାଷରୁ ମନ ଫେରଉଛନ୍ତି ,1- ଚିନିକଳ ରେ ଦୁର୍ବଳ ହାଙ୍ଗୁଳା ମେନେଜମେଣ୍ଟ ,2 - ଦୁର୍ବଳ ଅପାରଗ ପରିଚାଳନା ପରିଷଦ,3 - ଚାଷୀ ସଂଗଠନ ଅତି ଦୁର୍ବଳ,4 - ନିୟମିତ ଶ୍ରମିକ ଙ୍କ ଚିନିକଳ ପ୍ରତି ତ୍ୟାଗ ଏକାଗ୍ରତା ମନଭାବ ର ଅଭାବ ,5 - ଆଖୁ ଚାଷ ଅଞ୍ଚଳ ରେ ଜଳ ସେଚନ ନଥିବାରୁ, 6 - ଚାଷୀ ଙ୍କୁ ଶ୍ରମିକ ର ଅଭାବ,7 - ଚିନିକଳ ତରଫରୁ ଚାଷୀ ଙ୍କୁ ସଠିକ ସମୟରେ ଚାଷ ସାମଗ୍ରୀ ଯୋଗାଇବା ରେ ଚିନିକଳ ବିଫଳ ହେବାରୁ,8 - ବନ ବିଭାଗ ର ଅସହଯୋଗ ରୁ,9 - ଜଙ୍ଗଲୀ ବାରହା ର ଆତଙ୍କ ଯୋଗୁଁ,10 - ଆଖୁ କାଟିକି ଠିକ ସମୟ ରେ ନ ଆଣିବା ଯୋଗୁଁ ,11 - ଅନଭିଜ୍ଞ କର୍ମଚାରୀ ଙ୍କ ଯୋଗୁଁ,ଏବଂ ଏମିତି ଅନେକ କାରଣ ଅଛି ତେଣୁ ଚିନିକଳ ଆଜି କର୍କଟ ରୋଗ ରେ ପୀଡିତ.ଏଠି ଦୀର୍ଘ 16 ବର୍ଷ ଧରି ଆଉଟ ସୋର୍ସ ରେ ଖଟୁ ଥିବା 300 ରୁ ଅଧିକ ଦକ୍ଷ କର୍ମଚାରୀ କେବଳ ଚାତକ ପରି ଚାହିଁ ବସିଛନ୍ତି କେବେ ଏ କାରଖାନା ରୁଗୁଣ ମୁକ୍ତ ହେଇ ସୁସ୍ଥ ହେବ ସେମାନଙ୍କୁ ନିୟମିତ ଶ୍ରମିକ ରୂପେ ଥଇଥାନ କରିବ,ସେମାନଙ୍କ ପରିବାର କେମିତି ବଞ୍ଚୁଥିବେ,ଏନ ଏମ ଆର କର୍ମଚାରୀ ବି ସେମିତି ଅନେଇ ଅନେଇ ଅବସର ନେଇସାରିଲେଣି .ସେମାନଙ୍କ ଦୁଃଖ ବୁଝୁଛି କିଏ,ଏଠି ତ ଉଚ୍ଚ ପଦସ୍ଥ ଅଫିସର ଓ ପରିଚାଳନା ପରିଷଦ ଚିନିକଳ କୁ ଖୋଳ କରିବାରେ ବ୍ୟସ୍ତ.ଆପଣ ମାନେ ଜାଣିନଥିବେ ଏଇଠି ଏମିତି କିଛି ଅପାରଗ ଅଫିସର ଓ ଅଧିକାଂଶ ନିୟମିତ ଶ୍ରମିକ ଅଛନ୍ତି ଯେ ପେଢା ପଣା ନାଳ ପାଣିରେ ଛାଡି ଦେଉଛନ୍ତି,ଚିନି ଅନୁପଯୋଗୀ ଯାହାକି ପାଉଡର ଭଳି ଉତ୍ପାଦନ କରୁଛନ୍ତି,କେବେ କେବେ ଗୁଳା ଗୁଳା ଚିନି ତ କେବେ ଧୂସର ରଙ୍ଗ ର ଚିନି,ତେବେ ଏଠି ଗୋଟେ ପ୍ରଶ୍ନ ମନରେ ଆସେ ସେ ଏସ ଏମ ପି କଣ ଖତ ଖାଇକି ପାଠ ପଢ଼ିଛନ୍ତି କି ?ଏମ ଡି ପାଟିରେ ବିଣ୍ଡା ଦେଇ ଚୁପ କାହିଁକି ? , ପରିଚାଳନା ପରିଷଦ ସଭାପତି ମୁକ କି ? ଏଠି ବି ପ୍ରଶାସନ କଣ ପାଇଁ ଚୁପ କିଛି ବୁଝିହୋଉନି,ଗାଡ଼ିରେ ଅଦରକାରୀ ଜିନିଷ ବାହାରକୁ ଆସିଲାପରେ ସେଥିରୁ ଚୋରା ସାମଗ୍ରୀ ଆସେ,ବେଳେ ବେଳେ ସ୍ପିରିଟ ବଦଳରେ ପାଣି ଆସେ,ତମ୍ବା ପିତଳ ଚୋରି ହେବାର ଅନେକ ସତ୍ୟ କାହାଣୀ ଅଛି,ତା ଅର୍ଥ ହେଲା ଚିନିକଳ ସୁରକ୍ଷା ବିଭାଗ ବି ଅତି ଢ଼ୀଲା ,ଗୁଡ ଗୋଦାମରେ କୋଉ ଅବସ୍ଥା ରେ ଅଛି ନିମ୍ନ ରେ ଫୋଟୋ ଦେଖନ୍ତୁ,ଏଠି ସମସ୍ତେ ହୁଗୁଳା,ଯୋଉ କେତେଜଣ ଭଲ କର୍ମଚାରୀ ଓ ଅଫିସର ଅଛନ୍ତି ସେମାନେ ଚିନିକଳ ର ଏ ଅବସ୍ଥା ଦେଖି କେବଳ ବିସ୍ତାପି ହୋଉଛନ୍ତି,ଏବେ ସମସ୍ତେ କହୁଛନ୍ତି କେବଳ ଏ ଚିନିକଳ କୁ କେବଳ ଦଇବ ହିଁ ସାହା . ଯଦି ସରକାର କିଛି ଦୃଢ ପଦକ୍ଷେପ ନ ନିୟନ୍ତି ତେବେ ନିଶ୍ଚିତ ଭାବ ରେ ଆସନ୍ତା ଅଳ୍ପ ଦିନରେ ତାଲା ପଡ଼ିବାର ସମ୍ଭାବନା ଅଛି,ଯଦି ତାଲା ପଡୁଛି ତେବେ ବହୁ ଚାଷୀ,ଶ୍ରମିକ,ବ୍ୟବସାୟୀ ଙ୍କ ପରିବାର ସହ ଏ ଅଞ୍ଚଳ ବି ପୁଣି ଆର୍ଥିକ ପଛୁଆ ଅଞ୍ଚଳ ହେଇଯିବ ,ଅରକ୍ଷିତ କୁ ଦଇବ ସାହା ପରି ଏ ସୁନାମଧନ୍ୟ ଚିନିକଳ କୁ ବି ଦଇବ ହିଁ ସାହା,ଅନେକ କଥା ଅଛି ଲେଖିଲେ ଲକ୍ଷ ଲକ୍ଷ ପୃଷ୍ଠା ହେବ . - ଆଇନଜୀବୀ ରାଘବ ଜୁଡୋ,ଚିନୀଶିଳ୍ପ ନୂଆଗାଁ,ଆସିକା,ଗଞ୍ଜାମ

## କଥା ଦେଇ ଭୁଲି ଯାଇଛନ୍ତି ସରକାର । କାଗଜ କଲମରେ ରହିଗଲା ଟାକ୍ସଫୋଟ ଗଠନ । କମୁଛି ଆଖୁଚାଷ । ଦୁର୍ଦ୍ଦିନରେ ଆସିକା ଚିନିଶିଳ୍ପ ।




ରିପୋର୍ଟ - ସୁନୀଲ ମହାନ୍ତି ( ଆସିକା ) ଗଞ୍ଜାମ ଜିଲ୍ଲାରେ ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ । ଜିଲ୍ଲାରେ ପ୍ରତେକ ବର୍ଷ ଆଖୁଚାଷର ପରିମାଣ କମୁଥିବା ବେଳେ । ଆଖୁ ଚାଷ ଉପରେ ନିରଭରଶୀଳ ଆସିକା ସମବାୟ ଚିନିଶିଳ୍ପ ମଧ ଏବେ ଦୁର୍ଦ୍ଦିନରେ ଗତି କରୁଛି । ତେବେ ଆଖୁ ଚାଷର ପରିମାଣ ଓ ଆଖୁ ଚାଷୀ ସଂଖ୍ୟା ବଢ଼ିଲେ ଆସିକା ଶିଳ୍ପର ଉନ୍ନତି ହେବା ସହ ନିଜର ପୂର୍ବ ଗୌରବ ଫେରି ପାଇବ । ଏନେଇ ରାଜ୍ୟ ସରକାର ମଧ ଆସିକା ଚିନି ଶିଳ୍ପକୁ ପୁନଃରୁଦ୍ଧାର କରି ନୂତନ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ । ହେଲେ ସରକାରଙ୍କ ସେହି ଟାକ୍ସଫୋଟ ଗଠନ କେବଳ କାଗଜ କଲମରେ ସିମୀତ ରହି ଯାଇଛି । ଦିନ ଥିଲା ଗଂଜାମ ଜିଲ୍ଲା ଆସିକା ଚିନିଶିଳ୍ପ ସମଗ୍ର ଏସିଆ ମହାଦେଶରେ ବେଶ ସୁନାମ ଅର୍ଜନ କରିଥିବା ବେଳେ ଆସିକା ସହର ଚିନି ଶିଳ୍ପ ନଗରୀ ଭାବେ ନିଜର ଗୌରବ ଅର୍ଜନ କରିଥିଲା । ହେଲେ କାଳକ୍ରମେ ପରିଚାଳନା ତୃଟି ସାଙ୍ଗକୁ ସରକାରୀ ପ୍ରୋତ୍ସାହନର ଅଭାବ ହେତୁ ଆଖୁଚାଷ ର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଆଗରୁ ଛଅ ମାସ ଧରି ସୁଗର ଫେକ୍ଟ୍ରୀ ରେ ଆଖୁ ପେଢ଼ା କାର୍ଯ୍ୟ ଚାଲୁ ଥିଲା ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ପେଢା ହୋଉଥିଲା । ହେଲେ ଗଲା କିଛି ବର୍ଷ ହେଲା ଆଖୁଚାଷର ପରିମାଣ କମି ଥିବାରୁ ୨୦୨୪ -୨୫ ରେ ୩୪ ହାଜର ୫ଶହ ମେକ୍ଟ୍ରିକ ଟନ୍ ଆଖୁ ପେଢ଼ା ହୋଇଥିବା ବେଳେ ୨୦୨୫ -୨୬ ରେ ୨୫ ହାଜର ମେଟ୍ରିକ୍ ଟନ୍ କୁ ଖସି ଆସିଛି । ଦିନକୁ ଦିନ ଆଖୁ ଚାଷରୁ ମୁହଁ ଫେରାଉ ଥିବାରୁ ଚାଷୀ ଆସିକା ଚିନି ଶିଳ୍ପ ଏବେ ଦୁର୍ଦ୍ଦିନ ଦେଇ ଗତି କରୁଛି । ଆସିକା ଚିନିଶିଳ୍ପକୁ ପୁନରୁଦ୍ଧାର କରି ନୂତନ ରୂପ ଦେବାକୁ ବିଜେପି ସରକାରକୁ ଆସିବା ପରେ ଦୃଢ ନିଷ୍ପତ୍ତି ନେଇଥିଲେ । ଏଥି ଲାଗି ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ ହୋଇଥିଲା । ହେଲେ ସେଇ ଟାସ୍କ ଫୋର୍ସ ଗଠନ କେବଳ କଥା ଓ କାଗଜ କଲମରେ ସିମୀତ ହୋଇ ଯାଇଥିବା ବେଳେ । ଏ ପର୍ଯ୍ୟନ୍ତ କିଛି କାର୍ଯ୍ୟକାରୀ ହୋଇ ପାରିନାହିଁ ।

ଅପର ପକ୍ଷରେ ସରକାରଙ୍କ ଉଦାସୀନତା ମନଭାବୋ ଟାସ୍କ ଫୋର୍ସ ହେବା ପରେ ମଧ କାର୍ଯ୍ୟକାରି ନହେବା ଅନ୍ୟପଟେ ଆଖୁ ଚାଷ ପାଇଁ ଆବଶ୍ୟକ ଜଳସେଚନର ସୁବିଧା ନଥିବା ବେଳେ ଜଙ୍ଗଲି ଜନ୍ତୁଙ୍କ ଉପଦ୍ରବ, କୁଶଳୀ ଶ୍ରମିକଙ୍କ ଅଭାବ ଯୋଗୁଁ ଧୀରେ ଧୀରେ ଆଖୁ ଚାଷ କମୁଛି । ଆଖୁ ଚାଷୀ ମାନେ ଆଖୁଚାଷୀ ମାନେ ଆଖୁ ଚାଷରୁ ଓହୋରୁ ଥିବା ବେଳେ ଏବେ ଜିଲ୍ଲାରେ ଆଖୁଚାଷ ବୃଦ୍ଧି କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ କରି ବିଭିନ୍ନ ପ୍ରଦକ୍ଷେପ ନେଇଛନ୍ତି । ପୂର୍ବ ରୁ ଆଖୁର ଟନ୍ ପିଛା ଦର ୩୫୦୦ ଟଙ୍କା ରହିଥିବା ବେଳେ ୨୦୨୫ -୨୬ ଆଖୁପେଢା ଋତୁରେ ଆଖୁ ଚାଷୀଙ୍କୁ ମୋଟ ୪୦୦୦ ଟଙ୍କା ନିର୍ଦ୍ଧାରିତ କରାଯାଇଛି । ସେଥିରେ ୩୭୦୦ ଆଖୁର ନିର୍ଦ୍ଧାରିତ ମୂଲ୍ୟ ରହିଥିବା ବେଳେ ଟନ ପିଛା ୩୦୦ ଟଙ୍କା ବୋନସ ରହିଛି । ସେହିପରି ୨୦୨୭ ର ଆଖୁର ନିର୍ଦ୍ଧାରିତ ମୂଲ୍ୟ ୪୫୦୦ ଟଙ୍କା ରହିଛି । ସେଥିରେ ୪୦୦୦ ଆଖୁର ନିର୍ଦ୍ଧାରିତ ମୂଲ୍ୟ ଥିବା ବେଳେ ୫୦୦ ଟଙ୍କା ବୋନସ ରହିଛି । ଆଗାମୀ ପାଞ୍ଚ ବର୍ଷରେ ଆଖୁଚାଷ ପାଇଁ ଜଳସେଚନର ସୁବିଧା କରିବାକୁ ଋଷିକୂଲ୍ୟା, ଘୋଡ଼ାହାଡ, ହରଭଙ୍ଗିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରି କେନାଲ ମାଧମରେ ଚାଷ ଜମିରେ ଜସେଚନର କରିବାକୁ ନିଷ୍ପତି ନିଆଯାଇଛି । ସେହିପରି ବନ୍ୟଜନ୍ତୁ ଠାରୁ ଆଖୁ ଫସଲକୁ ସୁରକ୍ଷା ଦେବା ପାଇଁ ସୋଲାର ଫେନସିଂଗ ବ୍ୟବସ୍ଥା କରାଯିବ । ବିଭିନ୍ନ ବ୍ଲକରେ ଏଗ୍ରୋ ସର୍ଭିସ୍ ସେଣ୍ଟର ଖୋଲାଯାଇ ଚାଷୀକୁ ଡ୍ରୋନ , ଟ୍ରାକ୍ଟର, ପାୱାର ଡିଲର, ଫର୍ଟିଲାଇଜର ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦିଆ ଯିବ । ଆଖୁ ଚାଷ ପାଇଁ କୃଷି ଶ୍ରମିକର ଆବଶ୍ୟକତା ଦୂର କରିବା ପାଇଁ ଲେବର କ୍ରଣ୍ଟାକ୍ଟର ମାନଙ୍କୁ ଟେଣ୍ଡର ମଧାମରେ ଶ୍ରମିକ ଯୋଗାଇ ଦେବାକୁ ଅନୁମୋଦନ ଦିଆଯିବ । ଯାହା ଦ୍ୱାରା, ଆଖୁ ସଫା କରିବା, ଆଖୁ କଟିଙ୍ଗ କରିବା ଓ ଲୋଡ଼ିଂ କରିବା ପାଇଁ ଚାଷୀକୁ ସହାୟକ ମିଳିବ । ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଆସିକା ଚିନିଶିଳ୍ପ ପରିଚାଳନା ପରିଷଦର ଆଲୋଚନା ପରେ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ ମିଳିଛି । ଯାହା ଦ୍ୱାରା ଆଗାମୀ ବର୍ଷରେ ଚାଷୀ ମାନେ ଉପକୃତ ପାଇବା ସହ ଆଗୁ ଚାଷ ମଧ ବଢିବ ବୋଲି କୁହା ଯାଉଛି । ତେବେ ଦିନକୁ ଦିନ ଆସିକା ଚିନିଶିଳ୍ପ ଦୁର୍ଦ୍ଦିନ ଦେଇ ଗତି କରୁଥିବା ବେଳେ ସରକାର ଗଠନ କରିଥିବା ଟାସ୍କ ଫୋର୍ସ କେବେ କାର୍ଯ୍ୟକାରୀ ହେବ । କେବେ ଆସିକା ଚିନିଶିଳ୍ପର ପୁନଃରୁଦ୍ଧାର ହେବ ସେ ସବୁ ଦେଖିବାକୁ ବାକି ରହିଲା

## ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ରାୟଗଡ଼ା-ପ୍ରଦୀପ ଦଲାଇ ୦୨/୦୩/୨୬-(ଚେତନା ମିଡିଆ)- ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ,ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକ,ରାୟଗଡ଼ ବନଖଣ୍ଡ ଅଧିକାରୀ ସଚିନ ଆନା ସାହେବ ଓହଲେ,ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାୟଗଡ,ମୋନିସା ଦାସ,ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୭୧ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ରୁ ୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୦୯ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ୦୩ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା ସେମାନଙ୍କ ମଧ୍ୟରୁ ୦୩ଜଣଙ୍କ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ରୁ ୫୦ ହଜାର ଟଙ୍କା ଏବଂ ଚାରି ଜଣକୁ ଜିଲ୍ଲା ରେଡକ୍ରସ ଫଣ୍ଡରୁ ୩୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।ଏହି ଶିବିରରେ ଜିଲ୍ଲାସ୍ଥରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।

## ତେଲ ମାରିଲା

ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ଯୁଦ୍ଧର ପରିସର ବ୍ୟାପକ ହୋଇଛି। କେତେକ ସୂତ୍ର ଇରାନ୍‌ରେ ୫୫୦ ମୃତାହତ କହୁଥିବା ବେଳେ ଆଉ କିଛି ସୂତ୍ର ୮୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚାଉଛନ୍ତି। ଏହି ସଂଖ୍ୟା ମାତ୍ର ୩ ଦିନ ଯୁଦ୍ଧରେ ଘଟିଛି। ଆମେରିକାର ୩ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଥିବା ବେଳେ ଉପସାଗରୀୟ ରାଷ୍ଟ୍ରରେ ଇରାନ୍ ଆକ୍ରମଣରେ ୧୦ରୁ ୧୧ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଜ କ୍ଷତିକୁ ଆମେରିକା ଭଳି ରାଷ୍ଟ୍ର ସ୍ୱୀକାର କରିଛି। ଯୁଦ୍ଧରେ ପ୍ରତିଟି ପକ୍ଷର କ୍ଷତି ଘଟିବା ଥୟ। ଅନେକ ସମୟରେ କିଛି ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଇ ସତକୁ ସ୍ୱୀକାର କରି ନ ଥାଆନ୍ତି। ଆଜିର ସୁପର ପ୍ରଯୁକ୍ତି ପ୍ରଦର୍ଶନ ଯୁଗରେ କୌଣସି ବିଷୟକୁ ଲୁଚାଇ ରଖିହେବ ନାହିଁ। ବ୍ୟକ୍ତିର ଆଖିକୁ ଉଚ୍ଚ ପ୍ରଯୁକ୍ତି ଜ୍ଞାନକୌଶଳ ମାଧ୍ୟମରେ ପଢ଼ି ହେଉଥିବାରୁ ଯାହାକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଉଛି, ତାହା ଠିକ୍ ସ୍ଥାନରେ ବାଜିବା ସୁନିଶ୍ଚିତ। ତାହାକୁ ଇଂଲିଶରେ ପ୍ରିସିଶନ ବା ତ୍ରୁଟିଶୂନ୍ୟତା ବୋଲି କୁହାଯାଉଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଯେଭଳି ଭାବେ ଏକାଥରେ ଟାର୍ଗେଟ କରି ମାରିଦିଆଗଲା ସେଥିରୁ ବୁଝିବାକୁ ହେବ ଯେ, ଯୁଦ୍ଧ ଆଉ ଅନୁମାନ ନୁହେଁ ଯଥାର୍ଥ ଜାଗାରେ ବାଜି କ୍ଷତି କରିପାରୁଛି। ଗତ କିଛିବର୍ଷର ଯୁଦ୍ଧ ପରିସରକୁ ଦେଖିଲେ ରୁଷିଆ-ୟୁକ୍ରେନ୍, ଇସ୍ରାଏଲ-ହମାସ ଯୁଦ୍ଧ ପରେ ଏବର ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଅନ୍ତର୍ଜାତୀୟ ଆର୍ଥିକ ଦୁନିଆକୁ ଦୋହଲାଇ ଦେଇଛି। ଯୁଦ୍ଧର ଶାରୀରିକ କ୍ଷତି ଲଢ଼େଇ ହେଉଥିବା ରାଷ୍ଟ୍ର ଭିତରେ ସୀମିତ ରହୁଥିବା ବେଳେ ଆର୍ଥିକ କ୍ଷତି ବିଶ୍ୱ ଭୋଗିବା ଜଳଜଳ ଦିଶୁଛି।ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଯୁଦ୍ଧର ତୃତୀୟ ଦିନରେ ତେଲ ଦର ଗୁରୁତର ଭାବେ ବୃଦ୍ଧି ପାଇଛି। ଏହା ଜଣାଶୁଣା ଯେ, ତେଲ ପ୍ରଗତିର ସଙ୍କେତ ଦେଇଥାଏ। କାରଣ ଏହା ଶକ୍ତି କ୍ଷେତ୍ରକୁ ପ୍ରତିନିଧିତ୍ୱ କରେ। ବିଶ୍ୱରେ ତେଲର ମାନକ ଖୋଜିଲେ ଏକାଧିକ ଥିବା ବେଳେ ମୁଖ୍ୟତଃ ତିନୋଟି ଉପରେ ବ୍ୟବସାୟ କେନ୍ଦ୍ରିତ ହୋଇଥାଏ। ସେଗୁଡ଼ିକ ହେଉଛି ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ), ବ୍ରେଣ୍ଟ୍ କ୍ରୁଡ୍ ଏବଂ ମିଡିୟମ୍ ସାୱାର କ୍ରୁଡ୍। ଡବ୍ଲ୍ୟୁଟିଆଇ ହେଉଛି ଆମେରିକା ଦ୍ୱାରା ଉଚ୍ଚ ଗୁଣବତ୍ତାର ଅଶୋଧିତ ତୈଳ। ଏହା ବୈଶ୍ୱିକ ତେଲ ବଜାରରେ ବିଶେଷ ଭାବେ ଆମେରିକା ତୈଳର ମୂଲ୍ୟ ପାଇଁ ଏକ ପ୍ରମୁଖ ମାନକ ରୂପେ ଉପଯୋଗ କରାଯାଏ। ବୈଷୟିକ ଭାଷାରେ ଏହାକୁ ଲାଇଟ୍ ସୁଇଟ୍ ଅଶୋଧିତ ତେଲ ଭାବେ ଗଣାଯାଏ। ବ୍ରେଣ୍ଟ୍ କ୍ରୁଡ୍ ହେଉଛି ଅନ୍ୟତମ ତୈଳ ବୈଶ୍ୱିକ ମାନକ। ସାଧାରଣତଃ ବ୍ୟବସାୟଭିତ୍ତିକ ତେଲର ପ୍ରାୟ ୭୫ ପ୍ରତିଶତ ମୂଲ୍ୟ ଏହା ନିର୍ଦ୍ଧାରଣ କରେ। ବିଶେଷକରି ୟୁରୋପ ଓ ଆଫ୍ରିକାର ବେଞ୍ଚମାର୍କ ଭାବେ ବ୍ୟବହାର କରାଯାଏ। ଦୁବାଇ-ଓମାନ୍ ମାନକ ସାଧାରଣତଃ ମିଡିୟମ୍ ସାୱାର କ୍ରୁଡ୍ ଅଏଲ୍ ବା ମଧ୍ୟମ ଅଶୋଧିତ ତୈଳକୁ ସୂଚିତ କରେ, ଯାହା ବିଶେଷକରି ମଧ୍ୟପ୍ରାଚ୍ୟରୁ ଏସିଆକୁ ଆସୁଛି। ଇତିମଧ୍ୟରେ ବିଶ୍ୱର ପ୍ରମୁଖ ତୈଳ ବିଶୋଧନାଗାର ସାଉଦି ଆରାମ୍‌କୋ ଓ କ୍ୱାତାରି ଅଏଲ୍ ରିଫାଇନାରି ଉପରେ ଇରାନର ଡ୍ରୋନ୍ ଆକ୍ରମଣ ସହ ଗଲ୍ଫ ଅଫ୍ ଓମାନରେ ତୈଳ ଟ୍ୟାଙ୍କର କ୍ଷତିଗ୍ରସ୍ତ ହେବା ତେଲ ଦର ବୃଦ୍ଧିକୁ ଇନ୍ଧନ ଯୋଗାଇଛି। ବର୍ତ୍ତମାନର ସ୍ଥିତି ଦେଖିଲେ ଡବ୍ଲ୍ୟୁଟିଆଇ ୬ ପ୍ରତିଶତ ବଢ଼ି ବ୍ୟାରେଲ ପିଛା ୭୭.୦୮ ଡଲାର ହୋଇଥିବା ବେଳେ ବ୍ରେଣ୍ଟ ୫.୩୫ ପ୍ରତିଶତ ବଢ଼ି ୭୮.୨୫ ଡଲାର ଛୁଇଁଛି। ସେହିପରି ଦୁବାଇ-ଓମାନ୍ ମିଡିୟମ୍ ସାୱାର କ୍ରୁଡ୍ ଅଏଲ୍ ପ୍ରାୟ ୯ ପ୍ରତିଶତ ବଢ଼ି ବ୍ୟାରେଲ ପିଛା ୭୯.୩୦ ଡଲାର ଯାଏ ବଢ଼ିଛି। ଯୁଦ୍ଧର ଗତି ଓ ଆକାର ବଢ଼ିଚାଲିଲେ ସପ୍ତାହକ ମଧ୍ୟରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିବ ବୋଲି ତୈଳ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏହା ହେଲେ ତୈଳ ଆମଦାନୀ ଉପରେ ବିଶେଷ ନିର୍ଭର କରୁଥିବା ଭାରତ ସମେତ ଅନେକ ଦେଶ ଅତ୍ୟଧିକ କ୍ଷତିଗ୍ରସ୍ତ ହେବେ। ଆଉ ଏକ ସମସ୍ୟା ହେଲା ଅନ୍ତର୍ଜାତୀୟ ଆର୍ଥିକ ଅସ୍ଥିରତାକୁ ଦେଖି ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ପୁଞ୍ଜିବଜାରରୁ ଅର୍ଥ ଉଠାଇ ନେଇ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ୍ (ଇଟିଏଫ୍) ଯଥା ସୁନା ଆଦିରେ ନିବେଶ କରିବାରେ ଲାଗିଲେଣି। ଫଳରେ ସୁନା ଦର ବହୁମାତ୍ରାରେ ବଢ଼ିବା ସହ ଭାରତୀୟ ପୁଞ୍ଜିବଜାର ଅତ୍ୟଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ।ଏଭଳି ଏକ ସ୍ଥିତିରେ ଭାରତ ଯେଭଳିଭାବେ ଇସ୍ରାଏଲ ସହ ମିଶି ଏକ ନୂଆ ପର୍ଯ୍ୟାୟ ଆରମ୍ଭ କରିବାକୁ ଚେଷ୍ଟା କରୁଥିଲା ତାହା ସମ୍ଭବତଃ ତ୍ରୁଟିପୂର୍ଣ୍ଣ ବୋଲି ସମୟ ଦର୍ଶାଇ ଦେଇଛି।

## ପ୍ରେମ ଓ ଫଲ୍‌ଗୁର ଯାତ୍ରା

ଆଜକୁ ୮୦୦ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳନ ହୋଇଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧାତ୍ମିକ ଶ୍ରଦ୍ଧାଳୁ ଏବଂ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥା'ନ୍ତି। ପୁରାଣବିତ୍‌ଙ୍କ ମତରେ, ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଏହାର ଶୁଭାରମ୍ଭ ହୋଇଥିଲା।କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ୍ ଶ୍ରୀନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ୍ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜି ଯାଉଥିଲେ ତ ପୁଣି କେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳନ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରା ପାଞ୍ଚଦିନ ପାଇଁ ପାଳନ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ଘଟାଇଥାଏ। ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜନ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୁଏ। ଏହି ପର୍ବର ମୁଖ୍ୟ ଆରାଧ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅବିର ଅର୍ପଣ କରାଯାଇଥାଏ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବମୁଖର ହୋଇଉଠିଥାଏ। ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦନ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚତ୍ୟାଆନ୍ତି। ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦନ କରିଥା'ନ୍ତି, ଠିକ୍ ସେହିପରି ଶ୍ରୀକୃଷ୍ଣ ଭକ୍ତମାନଙ୍କଠାରୁ ଭୋଗ ନେବା ପାଇଁ ଦୋଳ ଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥା'ନ୍ତି। ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ-ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ, ଯାହାର ନାମ ଦୋଳମଣ୍ଡପ। ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅବିର ଅର୍ପଣ କରିଥାନ୍ତି। ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ। ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି। ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଇମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ। ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ।' ଦୋଳପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ। ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତ୍ତାକର୍ଷକ। ପାଟପଟୁଆର, ରୋଶଣି, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି। ଓଡ଼ିଶାର ବିଭିନ୍ନ ମେଳଣ ଭିତରେ ଧର୍ମଶାଳାର ମୁନ୍‌ସିମେଳଣ, ପଞ୍ଚପାଣ୍ଡବ ସନ୍ନିକଟ ଓଳକଣା ମେଳଣ ଓ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଳଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନମୋହନଙ୍କୁ ନେଇ ଆୟୋଜନ ହୁଏ ଭୂୟାଁ ମେଳଣ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗଖେଳ। ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା। ଦୋଳଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିତା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀମାନଙ୍କୁ ଶୁଭାଶୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା।

## ସମ୍ପାଦକଙ୍କ କଲମରୁ ✍

ଭସ୍ମାସୁର ଗପ ଆମେ ସମସ୍ତେ ପଢ଼ିଛନ୍ତି ପିଲାବେଳେ କିମ୍ବା ଶୁଣିଛନ୍ତି ଗୁରୁଜନଙ୍କ ପାଖରୁ। ଭାରତୀୟ ପୁରାଣ ସାହିତ୍ୟରେ ଥିବା ରାଶିରାଶି ଗଳ୍ପରାଜି ଭିତରୁ ଏହା ଏକ ପ୍ରତୀକାତ୍ମକ ପ୍ରସଙ୍ଗ। ଜଣେ ଅସୁର ବହୁ ସାଧନା କରି ଶିବଙ୍କଠାରୁ ଗୋଟିଏ ବର ପାଇଥିଲା, ବରଟି ଥିଲା ଏମିତି ଯେ ଅସୁର ଯେକୌଣସି ବ୍ୟକ୍ତିର ମୁଣ୍ଡକୁ ଛୁଇଁଦେବା ମାତ୍ରେ ତା'ର ମୁଣ୍ଡ ପାଉଁଶରେ ପରିଣତ ହୋଇଯାଉଥିଲା।ଏଇ ବର ପାଇବା ପରେ ସଂପୃକ୍ତ ଅସୁରଟି ତା'ର ଶତ୍ରୁମାନଙ୍କୁ ବିନାଶ କରିବାର ସହଜସାଧ୍ୟ ଉପାୟଟିଏ ପାଇଗଲା, କ୍ରମେ ତା'ର ଗୋଟିଏ ନାଁ ହୋଇଗଲା ଭସ୍ମାସୁର । ତା'ର ଅହଂକାର ଏତେ ବଢ଼ିଗଲା ଯେ ସେ ଚାହିଁଲା ସେଇ ବରକୁ ବରଦାତା ଶିବଙ୍କ ଉପରେ ପ୍ରୟୋଗ କରିବ। ଶିବ ଏହା ଜାଣିପାରିଲେ, ସେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ କାଳବିଳମ୍ବ ନ କରି ନିଜକୁ ଜଣେ ସୁନ୍ଦରୀ ନୃତ୍ୟାଙ୍ଗନା ଭାବରେ ରୂପ ବଦଳେଇ ଦେଲେ ଏବଂ ଭସ୍ମାସରକୁ କହିଲେ ସେ ଯଦି ନୃତ୍ୟରେ ତାଙ୍କୁ ପରାଜିତ କରିପାରିବେ ତା'ହେଲେ ତାଙ୍କର ପାଣିଗ୍ରହଣ କରିବାକୁ ସେ ରାଜି। ଭସ୍ମାସୁର ଭାବିଲା ସେ ବି ନୃତ୍ୟରେ ସେଇ ନର୍ତ୍ତକୀକୁ ପରାସ୍ତ କରିପାରିବ। ତେଣୁ ସେ ନୃତ୍ୟ ପଟିୟସୀକୁ ଅନୁକରଣ କରି ନାଚିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ସେଇ ନର୍ତ୍ତକୀ (ମୋହିନୀ : ବିଷ୍ଣୁଙ୍କ ପ୍ରତିରୂପୀ) ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ଏଇ ଆତ୍ମ ପ୍ରଶଂସାରେ ଖୁସି ଥିବାବେଳେ ମୋହିନୀ ନିଜ ମୁଣ୍ଡକୁ ଛୁଇଁ ଦେବାରୁ ଭସ୍ମାସୁର ଅନୁରୂପ ଅଭିନୟ କରିବାକୁ ଆଗେଇ ଆସିଲେ ଏବଂ କିଛି ବୁଝିବା ପୂର୍ବରୁ ଭସ୍ମାସୁର ନିଜେ ଭସ୍ମ ହୋଇ ସାରିଥିଲା। ପୁରାଣର ଏଇ କଥାବସ୍ତୁକୁ ପୁନର୍ବାର ଅଧ୍ୟୟନ କଲା ପରେ ଆଉ କ'ଣ ବୁଝିବାକୁ ବାକି ରହିବ ଯେ ଅନ୍ୟ କେହି ମଣିଷ ଛଡ଼ା ଭସ୍ମାସୁରର ଅଭିନୟ କରିପାରିବ? ଏହା କୌଣସି ନାଟକର ଅଭିନୟ ନୁହେଁ ଏହା ହେଉଛି ସତସତିକା ଅଭିନୟ, ଯାହା ମଣିଷ କରି ଚାଲିଛି।ମଣିଷ ଯେଉଁ ବରଦାନ ପାଇ ନିଜକୁ କ୍ଷମତାଶାଳୀ ବୋଲି ଭାବୁଛି ସେ ସବୁ ପ୍ରକୃତିରୁ ନୁହେଁ କି? ସେ ଖାଦ୍ୟ ହେଉ ବା ପାନୀୟ, ହେଉ ସେ ବସ୍ତ୍ର ଅଥବା ବାସଗୃହ - ସବୁକିଛି ସେ ପାଉଛି ସେଇ ପ୍ରକୃତିରୁ। ଅଥଚ ପ୍ରକୃତିକୁ କାବୁ କରି ତାକୁ ଧ୍ୱଂସ କରିବାକୁ ଚାହୁଁଛି ପ୍ରତିନିୟତ। ତା'ର ଧାରଣା ହୁଏତ ସେଇ ପୌରାଣିକ ଚରିତ୍ର ଭସ୍ମାସୁରର ଚିନ୍ତାର ଅନୁରୂପ - ସେ ଯଦି ବରଦାତା ଶିବଙ୍କୁ ଧ୍ୱଂସ କରିପାରିବ, ତାହେଲେ ସିନା ସେ ଶିବଙ୍କଠାରୁ ଅଧିକ କ୍ଷମତାଶାଳୀ ବୋଲି ବିବେଚିତ ହେବ । ଏଇ କ୍ଷମତା ଆହରଣ ଓ ତା'ର ପ୍ରମାଣ ଭିତରେ ନିମଜ୍ଜମାନ ମଣିଷ ଆଧୁନିକ ଭସ୍ମାସୁର ନୁହେଁ ତ ଆଉ କ'ଣ!ଆପଣଙ୍କୁ ଅବିଶ୍ୱାସ୍ୟ ଲାଗିଲେ ବି ସତ ଯେ ସଦ୍ୟ ପ୍ରକାଶିତ ୟୁଏନ୍‌ଇପି (ୟୁନାଇଟେଡ ନେସନ୍ସ ଏନଭାଇରନମେଣ୍ଟ ପ୍ରୋଗ୍ରାମ)ରିପୋର୍ଟରେ ଦର୍ଶାଇଛି ଯେ, ସାରା ବିଶ୍ୱରେ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ଏକ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏହାକୁ ଧ୍ୱଂସ କରିବା ପାଇଁ ୩୦ ଡଲାର ଖର୍ଚ୍ଚ କରାଯାଉଛି। ଅର୍ଥାତ୍ ଧ୍ୱଂସ ପାଇଁ ଖର୍ଚ୍ଚ ସଂରକ୍ଷଣର ୩୦ଗୁଣ। ମିଳିତ ଜାତିସଂଘର ପର୍ଯ୍ୟାବରଣ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଙ୍ଗର ଆଣ୍ଡରସନ୍‌ଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସାରା ବିଶ୍ୱ ୨୦୨୩ ମସିହାରେ ୭.୩ ଟ୍ରିଲିୟନ ଡଲାର ପର୍ଯ୍ୟାବରଣକୁ କ୍ଷତି କରୁଥିବା ପଦକ୍ଷେପରେ ବିନିଯୋଗ କରିଛି। ତନ୍ମଧ୍ୟରୁ ବ୍ୟକ୍ତିଗତ ଉଦ୍ୟୋଗ ମାଧ୍ୟମରେ ୪.୯ ଟ୍ରିଲିଅନ ଡଲାର ବିନିଯୋଗ ହୋଇଛି ମୁଖ୍ୟତଃ ଶିଳ୍ପ ସ୍ଥାପନରେ, ଇନ୍ଧନ ଖୋଜିବାରେ ବା ଖଣିଖାଦାନରେ। ଏହା ଛଡ଼ା ବିଭିନ୍ନ ଦେଶ ରାଷ୍ଟ୍ରୀୟ ଅର୍ଥ ଖର୍ଚ୍ଚ କରିଛନ୍ତି ପ୍ରାୟ ୨.୪ ଟ୍ରିଲିୟନ ଡଲାର, ଯାହାର ବିନିଯୋଗ ହୋଇଛି ଫସିଲ ଫୁଏଲ ସବ୍‌ସିଡି, କୃଷି, ଜଳ, ଗମନାଗମନ ଏବଂ ନିର୍ମାଣ କାର୍ଯ୍ୟରେ। ଏହି ଅର୍ଥର ତିରିଶ ଭାଗରୁ ଭାଗେ ଖର୍ଚ୍ଚ ହୋଇଛି ପ୍ରକୃତିର ସଂରକ୍ଷଣଜନିତ ବିଭିନ୍ନ କାର୍ଯ୍ୟକ୍ରମରେ। ଆମର କାର୍ଯ୍ୟକ୍ରମ ସୂଚେଇ ଦେଉଛି ଆମେ କେମିତି ଧ୍ୱଂସ ଦିଗରେ ଅଗ୍ରସର ହେଉଛନ୍ତି।କାହାକୁ ଅଜଣା ନାହିଁ ଯେ ୨୦୦୦ ମସିହାରେ ସହସ୍ରାବ୍ଦର ବିକାଶ ଲକ୍ଷ୍ୟ ସମ୍ବଳିତ ଏକ ଶପଥ ପତ୍ର ମିଳିତ ଜାତିସଂଘ ତରଫରୁ ଜାରି କରାଯାଇଥିଲା। ଏହାକୁ ସଂକ୍ଷେପରେ ଏମ୍‌ଡିଜି (ମିଲେନିୟମ ଡେଭଲପ୍‌ମେଣ୍ଟ ଗୋଲ୍ସ) ବୋଲି କୁହାଯାଉଥିଲା। ସେତେବେଳେ ଆଠଗୋଟି ଲକ୍ଷ୍ୟ ପୂରଣ କରିବାକୁ ସହଯୋଗୀ ରାଷ୍ଟ୍ରମାନେ ଅଙ୍ଗୀକାରବଦ୍ଧ ହୋଇଥିଲେ ଏବଂ ଦୁଇହଜାର ପନ୍ଦର ସୁଦ୍ଧା ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂରଣ ହୋଇ ନ ପାରିବାରୁ ୨୦୧୫ରେ ଏକ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ହାତକୁ ନିଆଗଲା ଯାହା ୨୦୩୦ ସୁଦ୍ଧା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହାକୁ ଏସ୍‌ଡିଜି ବା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ସ ବୋଲି କୁହାଯାଏ। ଏଥିରେ ସତର ଗୋଟି ଲକ୍ଷ୍ୟ ଲିପିବଦ୍ଧ ହୋଇଥିଲା। ସିଧା ସଳଖ ଭାବରେ ପାଞ୍ଚଟି ଏହା ଭିତରୁ ପର୍ଯ୍ୟାବରଣର ବିକାଶ ସହିତ ସଂଯୁକ୍ତ। ମାତ୍ର ପରୋକ୍ଷ ବିଚାରକୁ ଗଣିଲେ ସବୁତକ ପରିବେଶ ସମ୍ପର୍କିତ।ପରିବେଶ ଅନୁକୂଳ ବିକାଶର ନକ୍ସା ଦିନକୁ ଦିନ ରୁଗ୍‌ଣ ହେବାର ମୁଖ୍ୟ କାରଣ ହେଲା ଯେଉଁ ଦେଶମାନେ ସମୃଦ୍ଧ ତାଲିକାରେ ଅଛନ୍ତି ସେମାନେ ସଂପୃକ୍ତ କାର୍ଯ୍ୟ ପାଇଁ ବ୍ୟୟ ବରାଦ କରିବାକୁ ଅନିଚ୍ଛୁକ। ୨୦୧୫ରେ ପ୍ୟାରିସ୍ ବୁଝାମଣା ନାଁରେ ଗୋଟିଏ ନିର୍ଦ୍ଧାରଣ ପତ୍ର ପାରିତ ହୋଇଥିଲା ବିଶ୍ୱର ରାଷ୍ଟ୍ରମାନଙ୍କ ଦ୍ୱାରା। ଏଥିରେ ବିଶ୍ୱତାପନ ପ୍ରଭାବକୁ ନୁ୍ୟନତମ ସ୍ତରକୁ ନେବା ପାଇଁ ବିବିଧ ବ୍ୟବସ୍ଥା ରହିଥିଲା। ୨୦୧୭ ରେ ଆମେରିକାର ସେତେବେଳର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଇ ରାଜିନାମାରୁ ଯୁକ୍ତରାଷ୍ଟ୍ର ଓହରିଗଲା ବୋଲି ଘୋଷଣା କଲେ । ତାଙ୍କର ଯୁକ୍ତି ଥିଲା ଏହା ଫଳରେ ଆମେରିକାକୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିବ ଏବଂ ଆମେରିକା ଅର୍ଥନୀତି କ୍ଷତିଗ୍ରସ୍ତ ହେବ। ପରବର୍ତ୍ତୀ ସମୟରେ ପୂର୍ବତନ ରାଷ୍ଟ୍ରପତି ବାଇଡ଼େନ୍ ଏହି ଚୁକ୍ତିକୁ ସମର୍ଥନ କରିଥିଲେ ମଧ୍ୟ ପୁନର୍ବାର ଟ୍ରମ୍ପ ନିର୍ବାଚିତ ହେଲା ପରେ ଏହି ରାଜିନାମାକୁ ଶକ୍ତ ଧକ୍କା ଲାଗିଛି। ବିକଶିତ ଦେଶର ଲୋକମାନେ ବୋଧହୁଏ ଅନୁଭବ କରିପାରନ୍ତି ନାହିଁ ଯେ ସେମାନଙ୍କ ଦ୍ୱାରା ପୃଥିବୀର କେତେ ଅଧିକ ଶକ୍ତି ଉପଯୋଗ ହୁଏ। ଆମେରିକାର ପ୍ରତି ପରିବାରରେ ବହୁ ସଂଖ୍ୟକ ଦାମୀ ଗାଡ଼ି ଥାଏ ଏବଂ ସେମାନେ ବହୁ କୋଠରି ବିଶିଷ୍ଟ ଘରେ ବସବାସ କରନ୍ତି । ସେହି ଘରଗୁଡ଼ିକୁ ଉଷୁମ ରଖିବାକୁ ଏବଂ ଗାଡ଼ିଗୁଡ଼ିକୁ ଚଳନକ୍ଷମ କରିବା ପାଇଁ ଯାହା ଖର୍ଚ୍ଚ ହୁଏ ତାହାର ଆକଳନ ସାଧାରଣଠାରୁ ଯଥେଷ୍ଟ ଅଧିକ। ସେମାନଙ୍କର ଉର୍ଜା ବ୍ୟବହାରକୁ ଲକ୍ଷ୍ୟ କଲେ ଅନୁଭବ ହୋଇପାରେ, ପୁରାଣରେ ଆଲୋଚିତ କୁମ୍ଭକର୍ଣ୍ଣ ପରି ଅସୁରଠାରୁ ସେମାନେ ଜଣେ ଜଣେ କମ୍ ନୁହନ୍ତି।ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରକୃତିର ପରିଧି। ଜଳକୁ ଆମର ଜୀବନ କୁହାଯାଏ । ପାନୀୟ ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ । ମାତ୍ର ବିଶ୍ୱରେ ଯେତିକି ଜଳ ଅଛି ତାହା ମଧ୍ୟରୁ ମାତ୍ର ଏକ ପ୍ରତିଶତ କେବଳ ପାନୀୟ ଜଳ ପାଇଁ ଉପଯୋଗୀ। ଜଳଉତ୍ସଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ଜାଣିପାରନ୍ତି ନାହିଁ କାରଣ ଆମର ଭୁଲ୍ ଧାରଣା ଯେ ଆମର ସାଗର ମହାସାଗରଗୁଡ଼ିକ ଅଛନ୍ତି। ମାତ୍ର ସାଗରର ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରିବା ପାଇଁ ଏତେ ଖର୍ଚ୍ଚ ହେବ ତାହାର କଳନା କରାଯାଇପାରିବ ନାହିଁ।ଆମର ବାୟୁ ମଣ୍ଡଳ ଏବେ ପ୍ରଦୂଷିତ। ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଆମେ ମାଟି ଉପରେ ନିର୍ଭରଶୀଳ, ମାତ୍ର ମୃତ୍ତିକାକ୍ଷୟ ବିପଜ୍ଜନକସ୍ତରରେ। ବାୟୁକୁ ଆହୁରି ବିଷାକ୍ତ କରୁଛି ଯୁଦ୍ଧର ବିଭୀଷିକା। ଏସବୁକୁ ଲକ୍ଷ୍ୟ କଲେ ଲାଗିବ ମଣିଷ ଭସ୍ମାସୁର ପାଲଟିଯାଇଛି ଏବଂ ସେ ନିଜକୁ ମାରିବା ପାଇଁ ଯେମିତି ଉତ୍ସାହରେ ଆଗେଇ ଚାଲିଛି। ବିକାଶ ଧାରା ପ୍ରକାରାନ୍ତରେ ପାଲଟିଛି ବିନାଶର ଜୟଯାତ୍ରା। ଏଥିରୁ କ'ଣ ମୁକ୍ତି ମିଳିବ?

### ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି।



ଆଜି ଦିନ ପ୍ରାୟ ଗୋଟାଏ ସମୟରେ, ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ତୋଟାଗୁଡା ବୁଲାଣି ନିକଟରେ ଏହି ଦୁର୍ଘଟଣା ଘଟିଛି।ଜେକେପୁର ଅଞ୍ଚଳର ପାଞ୍ଚଜଣ ଶ୍ରମିକ ଏକ ଟ୍ରାକ୍ଟରରେ ସିମେଣ୍ଟ ଖୁଣ୍ଟ ଲୋଡ୍ କରି ଟିକିରି ଅଭିମୁଖେ ଆସୁଥିଲେ। ମାତ୍ର ବୁଲାଣି ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ସମିର ମେଲେକା ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୪ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଟିକିରି ପୋଲିସ ଓ ଦମକଳବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଉଷାପଡା ସ୍ଥିତ ଉତ୍କଳ ଆଲୁମିନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଗୋଛାପଡା ଥାନା ଅଞ୍ଚଳରେ ପୁଣି ଗୁରୁ ଶିଷ୍ୟ ସମ୍ପର୍କରେ କଳଙ୍କ : ସମ୍ପୃକ୍ତ ଶିକ୍ଷକ ଥାନାରେ ଅଟକ




କନ୍ଧମାଳ, ତା, ୦୩/୦୩ :(ସଞ୍ଜୀୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗୋଛାପଡା ଥାନା ଅଞ୍ଚଳରେ ପୁଣି ଗୁରୁ ଶିଷ୍ୟ ସମ୍ପର୍କରେ କଳଙ୍କ ଲାଗିଛି। ସୂଚନା ରୁ ପ୍ରକାଶ ଯେ, ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଙ୍କୁ ସେହି ସ୍କୁଲ ର ଶିକ୍ଷକ ଶାରୀରିକ ସମ୍ପର୍କ ରଖି ଏବେ ପୋଲିସ ହାଜତରେ ଥିବା ଜଣାପଡିଛି । ଗତ ୨୧ ନଭେମ୍ବର ୨୦୨୫ ରିଖ ଦିନ ଫୁଲବାଣୀ କୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଜୈନିକ ଛାତ୍ରୀ ଙ୍କୁ ବିଜ୍ଞାନ ମେଳା ଫୁଲବାଣୀ କୁ ଧରି ଯାଇଥିଲେ ଓ ଫେରିବା ବେଳେ ସନ୍ଧ୍ୟା ହୋଇ ଯାଇଥିବାରୁ ନିର୍ଜନ ଜଙ୍ଗଲ ଦେଖି ଶିକ୍ଷକ କୁନୁ ଭୋଇ ଛାତ୍ରୀକୁ ଅଶାଳୀନ ବ୍ୟବହାର କରିବା ସହ ଅନିଚ୍ଛା ସତ୍ତ୍ୱେ ତା ସହିତ ଶାରୀରିକ ସମ୍ପର୍କ ରଖୁଥିଲେ। ପରେ ତାକୁ ନେଇ ଡରାଇ ଧମକାଇ ଘରେ ଛାଡିଥିଲେ । ଏମିତି ସ୍କୁଲରେ ମଧ୍ୟ କେତେଥର ଡାକି ଖରାପ ବ୍ୟବହାର କରିବା ସହ ସମୁଦାୟ ୬ଥର ଶାରୀରିକ ସମ୍ପର୍କ ରଖିଥିବା ବିଷୟ ଜୈନକ ନାବାଳିକା ପ୍ରକାଶ କରିଛି । ଶେଷରେ ସେ ସ୍କୁଲ କୁ ଯିବାକୁ ରାଜିହୋଇ ନ ହେବାରୁ ଘରେ ମା ବାରମ୍ବାର ପଚାରିଲା ପରେ ଶେଷରେ ମାକୁ ସମସ୍ତ ବିଷୟ କହିଥିଲା। ପରିବାର ପକ୍ଷରୁ ସୋମବାର ଗୋଛାପଡା ଥାନାରେ ଏତଲା ଦେଲାପରେ ଗୋଛାପଡା ପୋଲିସ ସମ୍ପୃକ୍ତ ଶିକ୍ଷକ କୁନୁ ଭୋଇ କୁ ଆଣି ଥାନା ରେ ପଚରା ଉଚରା କରୁଛି। ଏଠାରେ ପ୍ରଶ୍ନ ଉଠୁଛି ରକ୍ଷକ ଯଦି ଭକ୍ଷକ ସାଜିବ ତେବେ କାହାକୁ ଭରସା କରିବା I ଯେଉଁ ଶିକ୍ଷକ ଭରସାରେ ଅଭିଭାବକ ତାଙ୍କ ପିଲାଙ୍କୁ ଛାଡୁଛନ୍ତି ସେ ଯଦି ପିଶାଚ ସାଜିବ କାହାକୁ କହିବା ବୋଲି ଅଭିଭାବକ ମହଲ ରେ ପ୍ରଶ୍ନ ଉଠୁଛି ।

### ଭାରସାମ୍ୟ ହରାଇ ଅଟୋ ଦୁର୍ଘଟଣାଗ୍ରସ୍ତ : ୮ ମହିଳା ଆହତ



ବାଲିଗୁଡ଼ାତା, ୦୨/୦୩: (ସଞ୍ଜୀୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ କୁଡକେଲକିଆ ନିକଟସ୍ଥ ଗଡମୁଣ୍ଡା ଘାଟିରେ ସୋମବାର ଅପରାହ୍ନରେ ଭାରସାମ୍ୟ ହରାଇ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ୮ଜଣ ମହିଳା ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଦଡ଼କଙ୍ଗିଆ ଗ୍ରାମରୁ ୧୦ ରୁ ୧୨ ଜଣ ମହିଳା ଡାକା ଗ୍ରାମରେ ରହୁଥିବା ନିଜ ସମ୍ପର୍କୀୟଙ୍କ ଘରକୁ ସୁଦ୍ଧିକ୍ରିୟା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅଟୋରେ ଯାଉଥିଲେ । ଡାକା ଗ୍ରାମ ପୂର୍ବରୁ କୁଡକେଲକିଆ ଗାଁ ନିକଟସ୍ଥ ଗଡମୁଣ୍ଡା ଘାଟିରେ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଅଟୋ ଦୁର୍ଘଟଣା ଘଟିଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ଡାକା ଗ୍ରାମରେ ଅବସ୍ଥାପିତ ବିଏସ୍ଏଫ୍ କ୍ୟାମ୍ପର ର ଜବାନମାନେ ଘଟଣାସ୍ଥଳରେ ପହଞ୍ଚି ନିଜ ଆମ୍ବୁଲାନ୍ସରେ ଆହତଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି । ଆହତଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସମସ୍ତ ଆହତ ମହିଳା ବାଲିଗୁଡା ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି।

# ରାୟଗଡ଼ ଜିଲ୍ଲାରେ ଆରମ୍ଭ ହେଲା ହ୍ୟୁମାନ ପାପିଲୋମା ଭାଇରସ୍ (HPV) ଟୀକାକରଣ ଅଭିଯାନ



ରାୟଗଡ଼ ଜିଲ୍ଲାରେ ହ୍ୟୁମାନ ପାପିଲୋମା ଭାଇରସ୍ (HPV) ସଂକ୍ରମଣର ନିରାକରଣ ଓ ସର୍ଭିକାଲ୍ କ୍ୟାନ୍ସର ପ୍ରତିରୋଧ ପାଇଁ ଟୀକାକରଣ ଅଭିଯାନର ଶୁଭାରମ୍ଭ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ ଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସପ୍ତଗିରୀ ଶଙ୍କର ଉଲାକା, କୋରାପୁଟ ସାଂସଦଙ୍କ କରକମଳରେ ହୋଇଥିଲା। ସମ୍ମାନିତ ଅତିଥି ଭାବେ ରାୟଗଡ଼ ବିଧାୟକ କାଡ୍ରାକା ଆପ୍ଲା ସ୍ୱାମୀ ଉପସ୍ଥିତ ଥିଲେ।ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସରୋଜିନୀ ଦେବୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ପି. କେ. ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ା. କିଶୋର କୁମାର ବାରାଇ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାମଚରଣ ନାହାକ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗର କର୍ମଚାରୀମାନେ ସହିତ ବହୁ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ତ୍ୱାକାଙ୍କ୍ଷୀ ଅଭିଯାନ ଅନୁସାରେ ଓଡ଼ିଶାରେ ୧୪ରୁ ୧୫ ବର୍ଷ ବୟସର ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟୀକାକରଣ କରାଯିବ। ଏହା ପାଇଁ ୩ ମାସ ସମୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ରାୟଗଡ଼ ଜିଲ୍ଲାରେ ମୋଟ ୭୫୮୭ ବାଳିକା ଏହି ଟୀକାରୁ ଉପକୃତ ହେବେ।ପ୍ରଥମ ପର୍ଯ୍ୟାୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟୀକା ପ୍ରଦାନ କରାଯିବ। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରକୁ ସଂପ୍ରସାରିତ କରାଯିବ। ଏହି ଟୀକା ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେବ।ଝିଅମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଓ ସର୍ଭିକାଲ୍ କ୍ୟାନ୍ସର ରୋକଥାମ ପାଇଁ ଏହି ଟୀକା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବଜାର ମୂଲ୍ୟ ପ୍ରାୟ ୪ ହଜାର ଟଙ୍କା ଥିବା ସତ୍ତ୍ୱେ, ସରକାର ପକ୍ଷରୁ ଏହାକୁ ମାଗଣାରେ ପ୍ରଦାନ କରାଯାଉଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ଏହି ଟୀକାକରଣ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସାଂସଦ ମତ ପ୍ରକାଶ କରିଥିଲେ।ଉଲ୍ଲେଖନୀୟ ଯେ, ୨୮ ଫେବୃଆରୀ ୨୦୨୬ ରେ ରାଜସ୍ଥାନର ଆଜମେର ଠାରୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶବ୍ୟାପୀ HPV ଟୀକାକରଣ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହା ସହିତ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମକୁ ଆରମ୍ଭ କରିଛନ୍ତି।

# ରାୟଗଡା ଜିଲ୍ଲାରେ ପ୍ରଥମଥର ପାଇଁ କେବିକେ ସୁରକ୍ଷା ଓ ଉନ୍ନୟନ ପରିଷଦର ସମସ୍ତ ବ୍ଲକର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ବୈଠକ



ରାୟଗଡା ଜିଲ୍ଲାରେ ପ୍ରଥମଥର ପାଇଁ କେବିକେ ସୁରକ୍ଷା ଓ ଉନ୍ନୟନ ପରିଷଦର ସମସ୍ତ ବ୍ଲକର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ବୈଠକର ଆୟୋଜନ କରାଯାଇ ଜିଲ୍ଲାରେ ଥିବା ସମସ୍ୟାଗୁଡ଼ିକୁ କିପରି ସମ୍ଭାବନାରେ ପରିଣତ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଗଲା । ଉକ୍ତ ବୈଠକରେ ପରିଷଦର ଆଗାମୀ ଯୋଜନା ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଚୟନ ଉପରେ ଆଲୋଚନା ହୋଇଥିଲା । ଜିଲ୍ଲାର ସୁରକ୍ଷା ଓ ଉନ୍ନତି ପାଇଁ ପରିଷଦ ଶତପ୍ରତିଶତ ପ୍ରତିବଦ୍ଧ ହୋଇ ଅଗ୍ରାଧିକାର ଭିତ୍ତିରେ କାମ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମଟି "କେବିକେ ସୁରକ୍ଷା ଓ ଉନ୍ନୟନ ପରିଷଦ" ର ସଭାନେତ୍ରୀ ବିଦୁ୍ୟଲତା ହୁଇକାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ, ରାୟଗଡ଼ା ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍‌ରୁ ଅନେକ ସମାଜସେବୀଗଣ ଉପସ୍ଥିତ ଥିଲେ।ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ବରିଷ୍ଠ ସାମ୍ବାଦିକ ଡ଼ା. ବାଦଲ କୁମାର ତା । ସେ ତାଙ୍କ ଉଦବୋଧନରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ପିଇବା ପାଣି, ରାସ୍ତା ମରାମତି, ନିଶା ନିବାରଣ, ଦାଦନ ଶ୍ରମିକଙ୍କ ସମସ୍ୟା ଏବଂ ନିଜ ଜିଲ୍ଲାରେ କର୍ମନିଯୁକ୍ତି ସୃଷ୍ଟି ଉପରେ ଆଲୋକପାତ କରିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ ଭିବିଜିରାମଜି ଯୋଜନାରୁ କିପରି ଅଧିକ ଲୋକ ଉପକୃତ ହେବେ, ତାହା ପାଇଁ ସଚେତନତା ଆବଶ୍ୟକ।

ନାରୀ ସୁରକ୍ଷା, ଚାଷୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ, ଜୈବିକ ପଦ୍ଧତିରେ ଚାଷକୁ ପ୍ରୋତ୍ସାହନ ଏବଂ ସରକାରୀ କର୍ମଚାରୀମାନେ ସାଧାରଣ ଲୋକଙ୍କ କାମ ଠିକ୍‌ଭାବରେ କରିବାକୁ ପଡିବ ବୋଲି ବିଶେଷ ଆଲୋଚନା କରାଯାଇଥିଲା । ବୁଢ଼ା ବୁଢ଼ୀମାନେ ଭତ୍ତାରୁ ବଞ୍ଚିତ ହେଉଥିବା ନେଇ ମଧ୍ୟ ଗଭୀର ଚିନ୍ତା ପ୍ରକାଶ ପାଇଥିଲା । ରାୟଗଡ଼ା ଜିଲ୍ଲାର ପ୍ରାୟ ୧୦ ହଜାର ବୃଦ୍ଧ ବୃଦ୍ଧା ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଥିବା ସୂଚନା ମିଳିଛି । ଏହା ସହ ଜଙ୍ଗଲରୁ ଅବୈଧ ଗଛ କଟା ଓ ଜଙ୍ଗଲ କ୍ଷୟ ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଥିଲା ।ସଭାର ମୂଳ ଉଦ୍ଦେଶ୍ୟ ଥିଲା — ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ସରକାରୀ ଯୋଜନାର ସୁବିଧା ପାଇପାରନ୍ତୁ । "ବିକଶିତ ରାୟଗଡ଼ା" ହେଲେ ହିଁ ବିକଶିତ ଓଡ଼ିଶା -୨୦୩୬ ଓ ଭାରତ -୨୦୪୭ ସମ୍ଭବ ବୋଲି ବିଶେଷ ଆଲୋଚ୍ୟ ବିଷୟ ଥିଲା । ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ ଓ ଗ୍ରାମ ମାନଙ୍କରେ ପରିଷଦର କମିଟିମାନ ଗଠନ କରି ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟାନ୍ୱୟନ କରାଯିବା ଉପରେ ଅଂଶଗ୍ରହଣକାରୀ ମାନେ ଧ୍ୟାନ ଆକର୍ଷଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଜୟ ମିଶ୍ର, ଶ୍ୟାମ କୁମାର ଦାସ, ଜେମ୍ସ ଶବର, ଧରଣୀ ପ୍ରଟିକା, ଅକ୍ଷୟ କୁମାର ପିଡିସିକା, ଦିବାକର ଶବର, ଲକ୍ଷ୍ମୀ ଶବର, ଈଶ୍ୱର ଶବର, ପୁରନ୍ଦର ବନ୍ଥ, ସତ୍ୟ ପ୍ରଟିକା, ଅନିତା ପିଡିକାକା, ବାଳମୁକୁନ୍ଦ ପାଳ, ଜବାବ ପାଲକା, ଅମିତ କୁମାର ପାଢ଼ୀ, ତପନ କାଡ୍ରାକା, ଅନାମ ଚରଣ କୁସୁଲିଆ ଓ ସୁନାମଣି ପ୍ରଟିକା, ବିଦ୍ୟା ପଣ୍ଡା, ବିଦ୍ୟା ସାଗର, ଜାଲନ୍ଧୁ କଣ୍ଡାଗରି, ସିମାଦ୍ରି ଡୁବୁରୁକା, ସୁନା ମାଝୀ, ପ୍ରଭାକର ଦୋରା, ଅଜୟ ରଥ, କୃଷ୍ଣ ଶବର, ସୀମାଞ୍ଚଳ ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ ।

# ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ,ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକ,ରାୟଗଡ଼ ବନଖଣ୍ଡ ଅଧିକାରୀ ସଚିନ ଆନା ସାହେବ ଓହଲେ,ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାୟଗଡ,ମୋନିସା ଦାସ, ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୭୧ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୦୯ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ୦୩ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା ସେମାନଙ୍କ ମଧ୍ୟରୁ ୦୩ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ରୁ ୫୦ ହଜାର ଟଙ୍କା ଏବଂ ଚାରି ଜଣକୁ ଜିଲ୍ଲା ରେଡକ୍ରସ ଫଣ୍ଡରୁ ୩୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।

# ରାୟଗଡା ଜିଲ୍ଲାରେ ଉଗାଦି ଉତ୍ସବ ପାଇଁ ଜମୁଛି ପ୍ରସ୍ତୁତି। ଉତ୍କଳ ତେଲୁଗୁ ସମଖ୍ୟା ଉଗାଦି ଉତ୍ସବ କମିଟି ପକ୍ଷରୁ ଆରମ୍ଭ ହୋଇଛି ଭୂମିପୂଜା ଓ ଶୁଭ ଖୁଣ୍ଟ ସ୍ଥାପନା।



ରାୟଗଡା ଜିଲ୍ଲାରେ ଉଗାଦି ଉତ୍ସବ ପାଇଁ ଜମୁଛି ପ୍ରସ୍ତୁତି। ଉତ୍କଳ ତେଲୁଗୁ ସମଖ୍ୟା ଉଗାଦି ଉତ୍ସବ କମିଟି ପକ୍ଷରୁ ଆରମ୍ଭ ହୋଇଛି ଭୂମିପୂଜା ଓ ଶୁଭ ଖୁଣ୍ଟ ସ୍ଥାପନ।୨୦୨୬ ମସିହା ଉଗାଦି ଉତ୍ସବକୁ ଅଧିକ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ରାୟଗଡା ଜେ.କେ. ରୋଡ୍ କୋଲିଗୁଡା ଅଞ୍ଚଳରେ ଏକ ଶୁଭ ମୁହୂର୍ତ୍ତରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ଏଲ୍ଲା କୋଣ୍ଡବାବୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ତେଲୁଗୁ ଭାଷୀ ଭାଇ ଓ ଭଉଣୀମାନେ ଏକତ୍ରିତ ହୋଇଥିଲେ।ଏହି ଅବସରରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଅଧକ୍ଷ କୋଣ୍ଡବାବୁ ସମସ୍ତଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଚଳିତ ବର୍ଷର ଉତ୍ସବକୁ ଗତ ବର୍ଷ ଅପେକ୍ଷା ଆହୁରି ଧୁମଧାମରେ ପାଳନ କରାଯିବ। ଏହି ଭାଇଚାରାର ଉତ୍ସବରେ ମହିଳାମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଏହି ଶୁଭ କାର୍ଯ୍ୟକ୍ରମରେ ବିଭିନ୍ନ ତେଲୁଗୁ ସଂଘର ପ୍ରତିନିଧିଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଉତ୍ସବର ସଫଳତା ପାଇଁ ଶୁଭକାମନା ଜଣାଇଥିଲେ।

## ଏକ୍ସପାୟର ନଥିବା ବିଅର୍ ବିକ୍ରି କରୁଛନ୍ତି କାଉଣ୍ଟର




ଅନୁଗୋଳ: ୦୩/୦୩ ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଲାରୀ ଗ୍ରାମର ରଞ୍ଜୀନ ମହାପାତ୍ର ଓ ତାଙ୍କର ଜଣେ ସାଙ୍ଗ ଛେଳିଆପଡ଼ାରେ ହେଉଥିବା ବିୟର କିଣି ପିଇଥିଲେ । ଦଶଟି ବିୟରରୁ ଚାରୋଟି ବିୟର ପିଇ ସାରିବା ପରେ ପେଟ କଟିଥିଲା । ଫଳରେ ଦୁଇ ଜଣ ବିୟର ବୋତଲରେ ଲେଖା ଥିବା ଏକ୍ସପାୟର ତାରିଖ ଦେଖିଲା ବେଳକୁ ୨୮/୧୨/୨୫ରେ ମିଆଦ ଶେଷ ତାରିଖ ଲେଖା ଯାଇଛି । ଯାହା ଫଳରେ ଉକ୍ତ ବିୟର ପିଇ ରଞ୍ଜୀନ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସା ହୋଇଛନ୍ତି । ଜିଲ୍ଲାରେ କିଛି ଦିନ ପୂର୍ବରୁ ନକଲି ମଦ ବିପୁଳ ପରିମାଣରେ ଜବତ ହୋଇଥିଲା। ପୁଣି ଆଜି ମିଆଦ ଶେଷ ହୋଇଥିବା ବିୟର ମିଳୁଛି । ଗାନ୍ଧୀ ମାର୍ଗରେ ଥିବା ମଦ କାଉଣ୍ଟରରୁ ଉକ୍ତ ବ୍ୟକ୍ତି ଜଣଙ୍କ ମଦ ବ୍ୟବସାୟ କରୁଥିବା ସୂଚନା ମିଳିଛି । ଦୁଇ ମାସ ତଳେ ମିଆଦ ଶେଷ ହୋଇଥିବା ମଦ କିପରି ଭାବରେ କାଉଣ୍ଟରରେ ଥିଲା। ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ୍ ହେଉ ଥିଲା କି ନାହିଁ..? ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅବକାରୀ ବିଭାଗ ପକ୍ଷରୁ କେବଳ ମହୁଲି ମଦ ଉପରେ ଚଢାଉ କରୁଥିବା ବେଳେ ଚୋରା ମଦ କାରବାର ଉପରେ ନଜର ଦେଉ ନାହାନ୍ତି। ଜିଲ୍ଲା ପୋଲିସ ପକ୍ଷରୁ କେବଳ ଚୋରା ମଦ ଓ ନିଶା କାରବାର ଉପରେ ଚଢାଉ କରୁଥିବା ବେଳେ ଅବକାରୀ ବିଭାଗ ଶୋଇ ପଡ଼ିଛି। ଯାହା ଫଳରେ ଚୋରା ମଦ କାରବାର ମଧ ବଢୁଥିବା ଅନୁମାନ କରାଯାଉଛି ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



କେନ୍ଦୁଝର ଜିଲ୍ଲା ଡୁମୁରିଆ ଗ୍ରାମପଞ୍ଚାୟତ ତଣ୍ଡ ଗ୍ରାମର ପ୍ରଫୁଲ୍ଲ ପଳେଇଙ୍କ ସ୍ତ୍ରୀ ତଥା ଏମପିଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଳେଇଙ୍କ ମା କୌଶଲ୍ୟା ପଳେଇ 70ବର୍ଷ ବୟସରେ ଇହଧାମ ତ୍ୟାଗ କଲେ। ସେ କିଛି ମାସ ହେବ ଚିକିତ୍ସାଧୀନ ଥିଲେ।ସେ ଜଣେ ପରୋପକାରୀ,ଧର୍ମପରାୟଣ ମହିଳା ଥିଲେ।ତାଙ୍କ ବିୟୋଗରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱାମୀ ମୁଖାଗ୍ନି ଦେଇ ପୂର୍ଣ୍ଣତୟା ବୈତରଣୀ କୂଳ ତଣ୍ଡ ବୋଟ ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ଗଞ୍ଜାମ ଜିଲ୍ଲା ପ୍ରାଥମିକ ସମବାୟ ସମିତି କର୍ମଚାରୀ ସଙ୍ଘ ଗଠନ



ବ୍ରହ୍ମପୁର ଇଞ୍ଜିନିୟରିଙ୍ଗ ସ୍କୁଲ ନିକଟ ରାଜସ୍ୱ ଡାକବଙ୍ଗଳାର ସମ୍ମୀଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାରେ ଥିବା ଆସିକା ସମବାୟ ସମିତି କର୍ମଚାରୀ ସଙ୍ଘ ଓ ବ୍ରହ୍ମପୁର ସମବାୟ ସମିତି କର୍ମଚାରୀ ସଙ୍ଘ ର ଏକ ମିଳିତ ବୈଠକ ବ୍ଲକ/ ଶାଖା ବ୍ୟାଙ୍କ ସ୍ତରୀୟ ସମିତି କର୍ମଚାରୀ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଗଞ୍ଜାମ ଜିଲ୍ଲା ପାଇଁ ଉଭୟ ୟୁନିଅନର ମିଳିତରେ ଗଞ୍ଜାମ ଜିଲ୍ଲା ସମବାୟ କର୍ମଚାରି ସଙ୍ଘ ନାମକ ଏକ ସଂଗଠନ ଗଠନ କରାଯାଇଥିଲା। ସଙ୍ଘ ପରିଚାଳନା ପାଇଁ ଉପଦେଷ୍ଟା ସହ ୫୧ ଜଣ କାର୍ଯ୍ୟ କର୍ତ୍ତା ଙ୍କୁ ନେଇ ସଂଘଠନର କର୍ମକର୍ତ୍ତାଙ୍କ ଚୟନ କାରାଗଲା। ସଙ୍ଘର ସଭାପତି ଭାବେ ଶ୍ରୀ ଶିବରାମ ମହାଙ୍କୁଡ ଓ ଶ୍ରୀ ପଙ୍କଜ କୁମାର ପାତ୍ର ସଧାରଣ ସମ୍ପାଦକ ସର୍ବସନ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ, ଶ୍ରୀ ନବ କୁମାର ପାଢ଼ୀ,ଶ୍ରୀ ଅଶୋକ ସ୍ୱାଇଁ, ଶ୍ରୀ ବୁଲା ଡାକୁଆ କାର୍ଯ୍ୟକାରୀ ସଭାପତି ଓ ଶ୍ରୀ ପ୍ରତାପ ଚନ୍ଦ୍ର ପାତ୍ର, ଶ୍ରୀ ଶୁକଦେବ ନାୟକ, ଶ୍ରୀ ସୁଶୀଲ କୁମାର ସାହୁ ଉପ ସଭାପତି ସହିତ ଶ୍ରୀ ବିନୋଦ କୁମାର ସାହୁ, ଶ୍ରୀ ରଞ୍ଜୀନ କୁମାର ବିଶୋଇ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସଙ୍ଗଠନର ଉପଦେଷ୍ଟା ଭାବେ ଶ୍ରୀ ଲକ୍ଷ୍ମୀ ଚରଣ ପରିଡାଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ସଂଗଠନ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ସମବାୟ ସମିତି କର୍ମଚାରି ଓ ସମିତିମାନଙ୍କ ହିତ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସ୍ଥିର କରାଗଲା।

## ବାଳକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ଅଦ୍ୟ ତା ୦୨/୦୩/୨୬ରିଖ ସୋମବାର ଦିନ ଦକ୍ଷିଣପୁର କ୍ଲଷ୍ଟରସ୍ଥ ବାଳକୃଷ୍ଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶଶୀରେଖା ମଳିକଙ୍କ ଅଧକ୍ଷତାରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଆ ସମିତି ସଭ୍ୟ ତଥା ଏହି ବିଦ୍ୟାଳୟ ଆଲୁମିନି ସଭାପତି ଶ୍ରୀଯୁକ୍ତ କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି , ଶିବରାମ ମହାଙ୍କୁଡ ମୁଖ୍ୟବକ୍ତା, କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ଓ ରବୀନ ପାତ୍ର, ଡଃ ରାମକୃଷ୍ଣ ସାହୁ ସମ୍ମାନୀତ ଅଥିତି ଭାବେ ଯୋଗ ଦେଇଥିଲେ । ଏନୟୁପିସ ଦକ୍ଷିଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଏ. ପୁଷ୍ପଲତା, ବୁଦାଲୁଣ୍ଡି ପ୍ରଧାନ ଶିକ୍ଷୟତ୍ରୀ ମହାଲକ୍ଷ୍ମୀ କର, ତଳକୁମ୍ଭଝରି ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତା ପାତ୍ର, ଆମ୍ବଗଡ଼ ବିଦ୍ୟାଳୟର ଲକ୍ଷ୍ମୀକାନ୍ତ ମହାପାତ୍ର ନିମନ୍ତ୍ରୀତ ଅତିଥି ଭାବେ ଯୋଗ ଦେଇ ଥିଲେ । ସମସ୍ତ ଅତିଥିଙ୍କ ଗହଣରେ ମୁଖ୍ୟଅତିଥି କାହ୍ନୁ ଚରଣ ପାତ୍ର ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଜି ଟୁନା ଦୋରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରି ଅତିଥି ମାନଙ୍କୁ ପିଲାମାନଙ୍କ ଦ୍ୱାରା ସମ୍ମାନୀତ କରାଇଥିଲେ । ତାଙ୍କୁ ବିଦ୍ୟାଳୟର ଶିକ୍ଷକ ଜେ ରମେଶ ଚନ୍ଦ୍ର ସେନାପତି, ରାମମୋହନ ପତି , କଲ୍ୟାଣୀ କୁମାରୀ ତ୍ରୀପାଠୀ ସହଯୋଗ କରିଥିଲେ । ଶିଶୁ ସେବିକା ଜୟନ୍ତୀ ଗୌଡ଼ ଛାତ୍ରୀମାନଙ୍କ ବେଶଭୂଷା ଦାୟିତ୍ୱରେ ରହି କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶଶୀ ରେଖା ମଲ୍ଲିକ ୨୦୨୫-୨୬ ଶିକ୍ଷାବର୍ଷ ର ବାର୍ଷିକ ବିବରଣୀ ପାଠ କରିଥିଲେ । ସମସ୍ତ ଉପସ୍ଥିତ ଅତିଥିଙ୍କ ଗହଣରେ ବିଦ୍ୟାଳୟର ମେଗାଜିନ ଯଥା ଶିଶୁ କଳିକା -୧ ଶିଶୁ କଳିକା -୨ ଓ ବିଦ୍ୟାଳୟ ପ୍ରାଚିର ପତ୍ର କୁ ଉନ୍ମୋଚନ କରି ଛାତ୍ର ଛାତ୍ରୀ ମାନଙ୍କୁ ବାର୍ଷିକ ଉତ୍ସବ ବିଦ୍ୟାଳୟ ସ୍ତରରେ କାହିଁକି ଆୟୋଜନ କରାଯାଉଛି ଏହା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ କଣ ଉପକାର ହେଉଛି ବୁଝାଇଥିଲେ । ତତ୍ ପରେ ଅତିଥି ମାନଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ମଧାହ୍ନ ଭୋଜନ କରିଥିଲେ । ଭୋଜନ ପ୍ରସ୍ତୁତି ଓ ପରିବେଷଣ ବିଦ୍ୟାଳୟର ପାଚିକା ମାନେ ଦାୟିତ୍ୱ ଗ୍ରହଣ କରିଥିଲେ । ଅପରାହ୍ନରେ ପିଲାଙ୍କ ଦ୍ୱାରା ଶିଖିଥିବା ପ୍ରାୟ ୨୦ ଟି ନୃତ୍ୟ ମଞ୍ଚ ଉପରେ ପରିବେଷଣ କରିଥିଲେ । ଡ଼କ୍ଟର ରାମକୃଷ୍ଣ ସାହୁ ଓ ବୁଦ୍ଧଦେବ ପାତ୍ରଙ୍କ ନିର୍ଦ୍ଦେଶନା ରେ ରୋଲପ୍ଲେ ବା ସଂକ୍ଷିପ୍ତ ନାଟକ " କନ୍ୟା ରତ୍ନ " ଛାତ୍ରୀମାନେ ମଞ୍ଚ ଉପରେ ପରିବେଷଣ କରିଥିଲେ । ଏହି ନାଟକଟି ଅତି ଉଚ୍ଚକୋଟିର ଥିଲା ଯାହାକି ସମାଜରେ ଗୋଟିଏ କନ୍ୟାର ମୂଲ୍ୟ କଣ , ସେ ଉପରେ ଗୋଟିଏ ସଚେତନ ବାର୍ତ୍ତା ପହଞ୍ଚି ପାରିଥିଲା । ଶେଷ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଛାତ୍ରୀ ଜାଗୃତି ଗୌଡ଼ , ରାଣୀ ଦାସ , ସୃଷ୍ଟିମୟୀ ଗୌଡ଼ , ସୁନେନା ଡାକୁଆ , ରଶ୍ମିତା ଡାକୁଆ , ଅର୍ପିତା ମହାରଣା , ଅନ୍ବିତା ମହାରଣା , ସନ୍ଧ୍ୟା ଗୌଡ଼ ଓ ସ୍ୱାତୀ ପଟ୍ଟନାୟକ ନିଖୁଣ ଭାବେ କରିଥିବା ଅଭିନୟ , ଉପସ୍ଥିତ ଅତିଥି ଓ ଅଭିଭାବ ଙ୍କ ମନମୁଗ୍ଧ କରିଥିଲା । ଏହା ପରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା

ବିଦ୍ୟାଳୟର ପରିଚାଳନା କମିଟି ସହିତ ପଦ୍ମଲୋଚନ ଗୌଡ଼ , ସୁଧାକର ସାହୁ , ଡି ମହେନ୍ଦ୍ର , ସୁକାନ୍ତ ମଲ୍ଲିକ , ଶୁଭମ୍ ପାଇକ , ନୀଳକଣ୍ଠ ଗୌଡ଼ , ନାରାୟଣ ଦାସ ଙ୍କ ସହିତ ଶିକ୍ଷକ ମିଶ୍ର ମଲ୍ଲିକ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଶେଷରେ ବାଘଝରି ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ଆଚାରି ଓ ଜୁଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମଳିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ

## ହୋଲି ପର୍ବର ପୌରାଣିକ ରହସ୍ୟ..!



- ଭାରତୀୟ ସଂସ୍କୃତିରେ ପର୍ବପର୍ବାଣିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେଥିମଧ୍ୟରୁ ରଙ୍ଗର ପର୍ବ ହୋଲି ଅନ୍ୟତମ । ପ୍ରତିବର୍ଷ ଫାଲ୍ଗୁନ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଉତ୍ସବକୁ ସାରା ଦେଶରେ ବହୁ ଆଡ଼ମ୍ବରରେ ପାଳନ କରାଯାଏ । ଚଳିତ ହୋଲି ବୁଧବାର ଅର୍ଥାତ ୪ ମାର୍ଚ୍ଚରେ ପଡୁଛି । ଏହି ପର୍ବକୁ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏହି ପର୍ବ କେବଳ ରଙ୍ଗ ଖେଳିବା ପାଇଁ ନୁହେଁ, ବରଂ ଏହା ପଛରେ ଅନେକ ପୌରାଣିକ ତଥା ସାମାଜିକ କାରଣ ରହିଛି । ହୋଲି ପାଳନର ସବୁଠାରୁ ପ୍ରମୁଖ କାରଣ ହେଉଛି ଭକ୍ତ ପ୍ରହ୍ଲାଦ ଏବଂ ତାଙ୍କ ପିତା ହିରଣ୍ୟକଶ୍ୟପଙ୍କ କାହାଣୀ । ପୌରାଣିକ କଥା ଅନୁସାରେ, ଅସୁର ରାଜା ହିରଣ୍ୟକଶ୍ୟପ ନିଜକୁ ଭଗବାନ ମାନୁଥିଲେ ଏବଂ ସମସ୍ତେ ତାଙ୍କୁ ପୂଜା କରନ୍ତୁ ବୋଲି ଚାହୁଁଥିଲେ । ମାତ୍ର ତାଙ୍କ ପୁତ୍ର ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ । ଏଥିରେ କ୍ରୋଧିତ ହୋଇ ହିରଣ୍ୟକଶ୍ୟପ ପ୍ରହ୍ଲାଦଙ୍କୁ ମାରିବା ପାଇଁ ଅନେକ ଚେଷ୍ଟା କରିଥିଲେ । ଶେଷରେ ସେ ନିଜ ଭଉଣୀ ହୋଲିକାଙ୍କ ସାହାଯ୍ୟ ନେଇଥିଲେ । ହୋଲିକାଙ୍କ ପାଖରେ ଏକ ଏଭଳି ବସ୍ତ୍ର ଥିଲା, ଯାହାକୁ ପିନ୍ଧିଲେ ନିଆଁ ତାଙ୍କୁ ସ୍ପର୍ଶ କରିପାରିବ ନାହିଁ । ହୋଲିକା ପ୍ରହ୍ଲାଦଙ୍କୁ କୋଳରେ ଧରି ନିଆଁରେ ବସିଥିଲେ, ମାତ୍ର ଭଗବାନଙ୍କ କୃପାରୁ ପ୍ରହ୍ଲାଦ ରକ୍ଷା ପାଇଗଲେ ଏବଂ ହୋଲିକା ସେହି ନିଆଁରେ ଜଳି ପାଉଁଶ ହୋଇଗଲେ । ଏହି ଘଟଣାକୁ ମନେପକାଇ ହୋଲି ପୂର୍ବ ରାତିରେ ହୋଲିକା ଦହନ କରାଯାଏ । ଏହାସହିତ ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କ ପ୍ରେମର ପ୍ରତୀକ ଭାବେ ମଧ ହୋଲିକୁ ପାଳନ କରାଯାଏ । ବିଶେଷ କରି ମଥୁରା ଓ ବୃନ୍ଦାବନରେ ଏହି ପର୍ବର ଏକ ନିଆରା ପରମ୍ପରା ଦେଖିବାକୁ ମିଳେ । ଯଦି ଆମେ ଅନ୍ୟ ଏକ ଦିଗରୁ ଦେଖିବା ତେବେ ହୋଲିକୁ ବସନ୍ତ ଋତୁର ଆଗମନ ସହିତ ଯୋଡ଼ାଯାଏ । ଶୀତ ଋତୁର ସମାପ୍ତି ଏବଂ ଗ୍ରୀଷ୍ମର ଆରମ୍ଭରେ ପ୍ରକୃତି ନୂଆ ରୂପ ଧାରଣ କରେ । ଏହି ସମୟରେ ଚାଷୀମାନେ ନୂଆ ଶସ୍ୟ ଅମଳ କରିଥାନ୍ତି, ଯେଉଁଥିପାଇଁ ଏହାକୁ ଏକ କୃଷି ଭିତ୍ତିକ ଉତ୍ସବ ମଧ କୁହାଯାଏ । ସାମାଜିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ପର୍ବ ଲୋକଙ୍କ ମଧରେ ଥିବା ଭେଦଭାବ ଓ ତିକ୍ତତାକୁ ଦୂର କରି ଭାଇଚାରା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଲୋକମାନେ ପରସ୍ପରକୁ ରଙ୍ଗ ଲଗାଇ ପୁରୁଣା ଶତ୍ରୁତା ଭୁଲି ବନ୍ଧୁତାର ହାତ ବଢ଼ାଇଥାନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ, ହୋଲି ହେଉଛି ଆନନ୍ଦ, ଉତ୍ସାହ ଏବଂ ସତ୍ୟର ବିଜୟର ଏକ ମହାନ ପର୍ବ ।

## ଯାକଜମକରେ ଅନୁଷ୍ଠିତ ହେଲା ହରିହର ଭେଟ ; ମଘାପୋଡିଲେ ମା ମାଣିକେଶ୍ୱରୀ ।



ସୋମବାର ସ୍ଥାନୀୟ ଦୋଳବନ୍ଧ ନିକଟ ମଣ୍ଡପରେ ଆୟୋଜିତ ଦୋଳ ଉତ୍ସବରେ ହରିହର ଭେଟ ମହାଆଡ଼ମ୍ବର ରେ ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ଫଗୁଣ ଚତୁର୍ଦ୍ଦଶୀ ଉପଲକ୍ଷେ ମଘାପୋଡି ମଧ ହୋଇଥିଲା । ମା ମାଣିକେଶ୍ୱରୀଙ୍କ ରାଜାଗ୍ନି ସଂଯୋଗରେ ମଘାପୋଡି କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମହାଦେଇ କଲ୍ୟାଣୀ ଗଜପତିଙ୍କ ଆଜ୍ଞା ଅନୁଯାୟୀ ରାଜ ପୁରୋହିତ କାମଦେବ ପାଢ଼ୀ ସମସ୍ତ ନୀତିକାନ୍ତି ସଂପର୍ଣ୍ଣ କରିଥିଲେ । ଫଗୁଣ ପୂର୍ଣ୍ଣମୀ ପରଦିନ ଅର୍ଥାତ୍ ହୋଲି ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହୋଇ ଉତ୍ସବ ସମାପନ ହେବ । ଦୋଳ ପୂର୍ଣ୍ଣମୀ ଓ ହୋଲି ପାଇଁ ଦୁଇଦିନ ଛୁଟି ପଡୁଥିବାରୁ ପ୍ରବଳ ଭିଡ ହେବ । ଏହି ଅବସରରେ ଆଜି ରାମସ୍ୱାମୀ ମନ୍ଦିରରୁ ଦୋଳଗୋବିନ୍ଦ, ଜଗନ୍ନାଥ ମନ୍ଦିରରୁ ମଦନ ମୋହନ ସହିତ ମା ମାଣିକେଶ୍ୱରୀ ଓ ହାଟପଦାର ଚନ୍ଦ୍ରଶେଖର ମଣ୍ଡପକୁ ବିଜେକରି ହରିହର ଭେଟ ହୋଇଥିବା ବେଳେ ଏହି ଅପୂର୍ବ ମିଳନ ଓ ମଘାପୋଡି ଦେଖି ଆନନ୍ଦ ଓ ଉଲ୍ଲାସରେ ଶ୍ରଦ୍ଧାଳୁ ବିଭୋର ହୋଇଥିଲେ । ଏହା ସହିତ ଅନ୍ୟ ବିଭିନ୍ନ ଠାକୁର ମାନେ ମଧ ବିଜେ କରିଛନ୍ତି । ଏଥିରେ ଜଗନ୍ନାଥ ସେବାୟତ ବଳିଆ ପଣ୍ଡା, ରାମସ୍ୱାମୀ ପୂଜକ ରଘୁନାଥ ଚୌଧୁରୀ, ଚନ୍ଦ୍ରଶେଖର ପୂଜକ ବିରଞ୍ଚି ନାରାୟଣ ଦାସ ଓ ହରି ନାରାୟଣ ଦାସ ଏବଂ ରାଜ ସୁଆର ରାମ ଭୂକ୍ତା ପ୍ରମୁଖ ମଣ୍ଡପ ସ୍ଥାନରେ ଠାକୁରଙ୍କ ନୀତି ପରିଚାଳନା କରିଥିବା ବେଳେ ଏହି ଯାତ୍ରା ରେ ଖେଳନା, କାଞ୍ଜୁଲି, ଚଣା, ଲଡୁ , ବେଲୁନ, ମ୍ୟେକାଳୀ ପସରା ପଡିଛି । ଆଲୋକ ସାଜସଜ୍ଜା ସହିତ ସୁନ୍ଦର ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଜବରଦସ୍ତ ଭିଡ଼ ହୋଇଛି । ତେବେ ଆଗାମୀ ହୋଲିରେ ପରସ୍ପରକୁ ରଙ୍ଗ ବୋଳି ଭକ୍ତି ଓ ବନ୍ଧୁତାର ବାର୍ତ୍ତା ଦେବା ବେଳେ ସବୁ ପ୍ରାକୃତିକ ରଙ୍ଗର ବ୍ୟବହାର କରିବା ପାଇଁ ଆୟୋଜକ କମିଟି ପକ୍ଷରୁ ନିବେଦନ କରାଯାଉଛି । ସ୍ନେହପୂର୍ଣ୍ଣ ବାତାବରଣରେ ଏହି ଉତ୍ସବ ପାଳନ ହେଉଥିବା ବେଳେ ପୂର୍ବରୁ ରାଜାରାଜୁଡ଼ା ସମୟରେ ଭବ୍ୟ ଆୟୋଜନ ହୋଇ ପଞ୍ଚୁଦୋଳ ମିଳନ ହେଉଥିଲା । ପରେ ବିଭିନ୍ନ କାରଣରୁ ରାଜା ଶାସନର ଅନ୍ତ ସହିତ ଅନୁଦାନ ଅଭାବ ଏବଂ ସର୍ବୋପରି ଆୟୋଜନ ପାଇଁ ଜନ ବଳର ଅଭାବ ଉତ୍ସବକୁ ବନ୍ଦ କରିଦେଇଥିଲା । ତେବେ ବର୍ତ୍ତମାନ କିଛି ସ୍ଥାନୀୟ ବୁଦ୍ଧିଯିବି ଓ ବଦାନ୍ୟ ବ୍ୟକ୍ତି ମାନଙ୍କ ଉଦ୍ୟମରେ ପୁଣି କମିଟି ଗଠନ କରାଯାଇ ୨୦୦୪ ମସିହା ରୁ ୨୨ବର୍ଷ ହେଲା ଏହି ଉତ୍ସବ ପୁଣି ଆୟୋଜିତ ହୋଇଆସୁଛି । ସୂଚନା ଯେ ଏହି ଐତିହାସିକ ଯାତ୍ରା ପାଇଁ ଏଠାର ଏକ ବନ୍ଧ କୁ ଦୋଳବନ୍ଧ କୁହାଯାଏ । ବହୁ ଅଞ୍ଚଳରୁ ଲୋକ ଆସି ସାମିଲ ହେଉଥିବା ବେଳେ ପାରଳା ପୁଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି ।

## ସ୍ୱପ୍ନା ପତି ଫାଉଣ୍ଡେସନ ଆୟୋଜିତ ୧୫ତମ 'ହର୍ବାଲ ହୋଲି' ଉତ୍ସବରେ ଉର୍ଫି ଜାଭେଦ



ଲୋକପ୍ରିୟ ଭାରତୀୟ ଟେଲିଭିଜନ ଅଭିନେତ୍ରୀ ଉର୍ଫି ଜାଭେଦ ଆଜି ଭୁବନେଶ୍ୱରରେ ପହଞ୍ଚି ସ୍ୱପ୍ନା ପତି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ 'ହର୍ବାଲ ହୋଲି ୨୦୨୬' କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଭାବେ ଯୋଗ ଦେଇଛନ୍ତି । ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନବନ୍ଦରରେ ଅଭିନେତ୍ରୀଙ୍କୁ ସ୍ୱପ୍ନା ପତି ଫାଉଣ୍ଡେସନର ସଦସ୍ୟ, ଆୟୋଜକ ଏବଂ ପ୍ରଶଂସକମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଚଳିତ ବର୍ଷ ସ୍ୱପ୍ନା ପତି ଫାଉଣ୍ଡେସନ ନିଜର 'ହର୍ବାଲ ହୋଲି' ଅଭିଯାନର ୧୫ତମ ସଂସ୍କରଣ ପାଳନ କରୁଛି । 'ଲିଭିନ୍‌ଗୁଡ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ'ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାସାୟନିକ ରଙ୍ଗ ମୁକ୍ତ ଏବଂ ପରିବେଶ ଅନୁକୂଳ ହୋଲି ପାଇଁ ଜନସାଧାରଣଙ୍କୁ ସଚେତନ କରିବା । "ନିଜ ଚର୍ମକୁ କେମିକାଲ ରଙ୍ଗରୁ ରକ୍ଷା କରନ୍ତୁ" ଏହି ବାର୍ତ୍ତା ନେଇ ୨୦୧୧ ମସିହାରୁ ଏହି ଅଭିଯାନ ଜାରି ରହିଛି । କାର୍ଯ୍ୟକ୍ରମ ମାର୍ଚ୍ଚ ୨, ୨୦୨୬ ସନ୍ଧ୍ୟା ୪:୦୦ ରୁ ରାତି ୧୦:୦୦ ପର୍ଯ୍ୟନ୍ତ ରାଜଧାନୀର ତରକା ହୋଟେଲ ସ୍ୟାଣ୍ଡିକ୍ ଟାୱାରରେ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରାକୃତିକ ରଙ୍ଗର ବ୍ୟବହାର ହୋଇଛି ଯେପରିକି ହଳଦୀ, ଚନ୍ଦନ, ମୁଲତାନି ମାଟି, ନିମ ଏବଂ ବିଟ୍‌ରୁ ପ୍ରସ୍ତୁତ ହର୍ବାଲ ରଙ୍ଗରେ ହୋଲି ଖେଳାଯାଇଛି ।ଏହି ଉତ୍ସବରେ ଉର୍ଫି ଜାଭେଦଙ୍କ ସମେତ ବଲିଉଡର ଜଣାଶୁଣା କଣ୍ଠଶିଳ୍ପୀ ଶେହଜାଦ ଅଲି, ଶବାବ ସାବ୍ରି ଏବଂ ଅଭିନେତା ଏଜାଜ ଖାନ ଯୋଗ ଦେଇ ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି । ଏଥିସହ ଓଲିଉଡର ଲୋକପ୍ରିୟ କଳାକାର ସୁଭାଶିଷ ଶର୍ମା (ମଣ୍ଟୁ), ସୂର୍ଯ୍ୟମୟୀ ମହାପାତ୍ର, ପ୍ରିୟଙ୍କା ଏବଂ ଋଷି ପଟ୍ଟନାୟକ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି ଓ ଡିଜେ ଆୟୁଷଙ୍କ ସଙ୍ଗୀତ ତାଳେ ତାଳେ ସମସ୍ତେ ହୋଲିର ମଜା ନେଇଥିଲେ ।ଚଳିତ ବର୍ଷ ପ୍ରାୟ ୨,୦୦୦ ରୁ ଅଧିକ ଅତିଥି ଓ ବିଶିଷ୍ଟ ଶିଳ୍ପପତି ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଆୟୋଜକଙ୍କ ମତରେ, ହର୍ବାଲ ହୋଲି କେବଳ ଏକ ପର୍ବ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ସୁରକ୍ଷିତ ପରିବେଶ ପାଇଁ ଏକ ସାମାଜିକ ଆନ୍ଦୋଳନ ।

## ଆଇସିସି ଜାରି କଲା ୱାନଡେର ତାଜା ରାଙ୍କିଂ, ନମ୍ବର ୧ରେ ଏହି ଭାରତୀୟ ଭେଟରାନଙ୍କ କବ୍ଜା



ଆଇସିସି ମହିଳା ୱାନଡେରେ ବ୍ୟାଟରଙ୍କ ତାଜା ରାଙ୍କିଂ ବାହାର କରିଛି । ଭାରତର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ୱାନଡେରେ ବିଶ୍ୱର ୧ନମ୍ବର ବ୍ୟାଟର ହୋଇଯାଇଛନ୍ତି। ସେହିଭଳି ଅଷ୍ଟ୍ରେଲିଆର ଏଲାନା କିଙ୍ଗ ମହିଳା ୱାନଡେରେ ବିଶ୍ୱର ନମ୍ବର-୧ ବୋଲର ହୋଇଛନ୍ତି। ଭାରତର ଷ୍ଟାର ଓପନର ସ୍ମୃତି ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ନିକଟରେ ଖେଳାଯାଇଥିବା ୩ମ୍ୟାଚର ୱାନଡେ ସିରିଜରେ ଶାନଦାର୍ ପ୍ରଦର୍ଶନ କରିଥିଲେ।ଅଷ୍ଟ୍ରେଲିଆ ବିପକ୍ଷ ୱାନଡେ ସିରିଜରେ ୫୮ ଏବଂ ୩୧ରନର ପାଳି ଖେଳିଥିବା ସ୍ମୃତିଙ୍କ ୭୯୦ଅଙ୍କ ରହିଛି । ସେ ଦକ୍ଷିଣ ଆଫ୍ରିକାର ଲାରା ବେଲ୍‌ୱାର୍ଟଙ୍କ ପଛରେ ପକାଇ ନମ୍ବର-୧ ତାଜ୍ ହାସଲ କରିଛନ୍ତି । ଏବେ ବୋଲ୍‌ୱାର୍ଟଙ୍କ ୭୮୨ଅଙ୍କ ରହିଛି । ବୋଲ୍‌ୱାର୍ଟଙ୍କ ନିକଟରେ ମାର୍ଚ୍ଚ ଏବଂ ଏପ୍ରିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ସମୟରେ ପୁଣି ଥରେ ଶୀର୍ଷ ସ୍ଥାନ ହାସଲ କରିବାର ସୁଯୋଗ ରହିବ ।ନିଜ ୱାନଡେ କ୍ୟାରିୟରର ଅନ୍ତିମ ମ୍ୟାଚରେ ଶତକ କରିଥିବା ଅଷ୍ଟ୍ରେଲିଆର ଏଲିସା ହିଲି ଚତୁର୍ଥ ନମ୍ବରରେ ରହିଥିବା ୱାନଡେ ଅନ୍ତର୍ଜାତୀୟକୁ ଅଲବିଦା କହିଥିଲେ । ଅଷ୍ଟ୍ରେଲିଆର ବେଥ ମୁନୀ ତୃତୀୟ ଯାହାକି ଏଶଲେ ଗାର୍ଡ୍‌ନର(୭୨୪) ପଞ୍ଚମ ସ୍ଥାନରେ ରହିଛନ୍ତି । ଭାରତୀୟ ଅଧିନାୟକ ରହମନପ୍ରୀତ କୌର ନବମ ସ୍ଥାନ ସହ ଶୀର୍ଷ ୧୦ରେ ସ୍ଥାନ ପକ୍କା କରିବାକୁ ସଫଳ ହୋଇଛନ୍ତି ଯାହାକି ଜେମିମା ରୋଡ୍ରିଗ୍ସ ୧୨ତମ ସ୍ଥାନରେ ରହିଛନ୍ତି। ୩ମ୍ୟାଚର ସିରିଜରେ ଭାରତର କ୍ଲିନସ୍ୱିପ ପରେ ରହମନପ୍ରୀତ(୬୫୨)ଙ୍କୁ ଚତୁର୍ଥ ସ୍ଥାନର ସୁଫଳ ମିଳିଛି । ସେ ୫୩,୫୪ ଏବଂ ୨୫ରନର ପାଳି ଖେଳିଛନ୍ତି ।ଅଷ୍ଟ୍ରେଲିଆର ଷ୍ଟାର୍ ବୋଲର ଅଲାନା କିଙ୍ଗ(୭୭୫ପଏଣ୍ଟ) ବୋଲରଙ୍କ ରାଙ୍କିଂରେ ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। ସେ ପ୍ରାୟ ୪ବର୍ଷ ପର୍ଯ୍ୟନ୍ତ ଶୀର୍ଷରେ ରହିଥିବା ସୋଫି ଏକଲେଷ୍ଟୋନଙ୍କୁ ପଛରେ ପକାଇଛନ୍ତି । ସେହିଭଳି ଗାର୍ଡ୍‌ନର ତୃତୀୟ ସ୍ଥାନରେ ରହିଛନ୍ତି । ବୋଲର ସୂଚୀରେ ଦୀପ୍ତି ଶର୍ମା ୧୦ମ ସ୍ଥାନ ସହ ଶୀର୍ଷ ୧୦ରେ ଏକମାତ୍ର ଭାରତୀୟ ବୋଲର ଅଛନ୍ତି । ଅଷ୍ଟ୍ରେଲିଆ ବ୍ୟତୀତ ଭାରତ ବିପକ୍ଷ ୱାନଡେ ସିରିଜରେ ୧୬.୭୧ ପ୍ରତିଶତରେ ୭ୱିକେଟ ନେଇ ଶୀର୍ଷ ବୋଲର ରହିଛନ୍ତି । ସେ ତୃତୀୟ ଏବଂ ଶେଷ ୱାନଡେରେ ୩୩ରନ ଦେଇ ୪ୱିକେଟ ନେଇ ଯେଉଁଥିରେ ଅଷ୍ଟ୍ରେଲିଆ ୧୮୫ରନର ଶାନଦାର୍ ବିଜୟ ହାସଲ କରିଥିଲା ।

## ଚକ୍ରାନ୍ତ'ର ଚକ୍ରବ୍ୟୁହରେ ପଡ଼ିଲେ ଦର୍ଶକ, ମତୁଆଲା କରୁଛି ଶୁଭାଶିଷ-ଭୂମିକା ଯୋଡ଼ି..




ଚକ୍ରବ୍ୟୂହର ଫାଶ । ରାଜ୍ୟର ୨୫ଟି ପ୍ରେକ୍ଷାଳୟରେ ଫେବୃଆରୀ ୨୭ରେ ମୁକ୍ତିଲାଭ କରିଛି ଓଡ଼ିଆ ଚଳଚ୍ଚିତ୍ର "ଚକ୍ରାନ୍ତ' । ରିଲିଜ୍ ପରେ ଦର୍ଶକଙ୍କ ଭିତରେ ସିନେମାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି । ଦର୍ଶକ ସିନେମାର କାହାଣୀକୁ ପସନ୍ଦ କରୁଥିବା ବେଳେ ଦେଖିବାକୁ ପ୍ରେକ୍ଷାଳୟରେ ଭିଡ଼ ଜମୁଛି ।କହିବାକୁ ଗଲେ "ଚକ୍ରାନ୍ତ'ର ଚକ୍ରବ୍ୟୁହରେ ଦର୍ଶକ ପଡ଼ିଯାଇଛନ୍ତି ।ଲକ୍ଷେଶ୍ୱର ପ୍ରଡକ୍ସନ୍ ନିବେଦିତ ଏବଂ ବାବୁଭାଇ ପ୍ରଡକ୍ସନ୍ ସହଭାଗିତାରେ ପ୍ରସ୍ତୁତ ହୋଇଛି ରହସ୍ୟମୟ ଚଳଚ୍ଚିତ୍ର "ଚକ୍ରାନ୍ତ' । ଫିଲ୍ମର କାହାଣୀ ଆଜିକାଲି ସମାଜର ଘଟଣାବଳୀ ଉପରେ ଆଧାରିତ । ରହସ୍ୟ ଓ ରୋମାନ୍ସରେ ଭରା ଏହି ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନ୍ମେଣ୍ଟ ପ୍ୟାକେଜ୍ । କାହାଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିବାରେ ସକ୍ଷମ ହୋଇଛି । ଚକମକ ଦୁନିଆର ମାୟାଜାଲରେ ଫସି ଯୁବପିଢ଼ିଙ୍କ ଗୋଟିଏ ଭୁଲ ନିଷ୍ପତ୍ତି ତାଙ୍କୁ ଠେଲିଦିଏ ଘୋର ଚକ୍ରବୁହ୍ୟକୁ । ସେଠି ବିଭିନ୍ନ ଚକ୍ରାନ୍ତର ଶିକାର ହେବା ପରେ ସେମାନେ ପାଲଟିଯାଆନ୍ତି ଜଣେ ଜଣେ ସାମାଜିକ ଦୋଷୀ । ଶେଷରେ ସେମାନେ କ'ଣ କରନ୍ତି ତାକୁ ନେଇ ତିଆରି ହୋଇଛି ଓଡ଼ିଆ ଚଳଚ୍ଚିତ୍ର "ଚକ୍ରାନ୍ତ" । ପ୍ରଥମ ଥର ପାଇଁ ପରଦାରେ ଶୁଭାଶିଷ ଏବଂ ଭୂମିକାଙ୍କ ଯୋଡ଼ି ଦର୍ଶକଙ୍କୁ ବେଶ୍ ମତୁଆଲା କରିଛି । ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୋମ୍ୟା ସୁମନ ମହାନ୍ତି, ନିରୁଆ, ଈଶ୍ୱର ପ୍ରସାଦ ପାଢ଼ୀ ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶୁମୋଚନ ମହାନ୍ତି ଅଭିନୟ କରିଛନ୍ତି ।ସୌରଭ ପାଢ଼ୀଙ୍କ ପ୍ରଯୋଜିତ "ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ପିନ୍ଟୁ ନାୟକ । କାହାଣୀ ଦିଶା ପାଢ଼ୀ ଓ ସଂଳାପ ଲେଖିଛନ୍ତି ଜିତେନ୍ଦ୍ର କୁମାର ବରାଳ । ମେଲୋଡି କିଙ୍ଗ ସ୍ୱର୍ଗତ ଅଭିଜିତ ମଜୁମଦାରଙ୍କ ଏହା ହେଉଛି ଶେଷ ସଙ୍ଗୀତ ନିର୍ଦ୍ଦେଶନା । ସିନେମାର ପୂରା ଟିମ୍ ଅଭିଜିତ ଦାଦାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସିନେମାର ସଫଳତା କାମନା କରିଛନ୍ତି ।

## ଟି୨୦ ବିଶ୍ୱକପ: ଭାରତରେ ଫସି ରହିଛନ୍ତି ଜିମ୍ବାୱେ, ୱେଷ୍ଟଇଣ୍ଡିଜ ଟିମ



ଆମେରିକା, ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଛନ୍ତି । ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପଡିବାରେ ଲାଗିଛି । ଆନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ କଟକଣା ଲଗାଯାଇଛି । ଏଥିଯୋଗୁ ଭାରତ ଓ ଶ୍ରୀଲଙ୍କାରେ ଖେଳା ଯାଉଥିବା ଟି୨୦ ବିଶ୍ୱକପରୁ ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ଟିମ ବିଦାୟ ନେଇଥିଲେ ମଧ୍ୟ ଭାରତରେ ଫସି ରହିଛନ୍ତି ।ଉଭୟ ବୋର୍ଡ ଏ ନେଇ ଆଇସିସି ସହିତ ଆଲୋଚନା ମଧ୍ୟ କରିଛନ୍ତି । ବ୍ୟସ୍ତ ବହୁଳ ଦୁବାଇ ବିମାନ ବନ୍ଦର ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି ।ସୁପର ଏଇଟରେ ୱେଷ୍ଟଇଣ୍ଡିଜକୁ ହରାଇ ଭାରତ ସେମିଫାଇନାଲରେ ପ୍ରବେଶ କରିଛି । ଏହା ପରେ ୱେଷ୍ଟଇଣ୍ଡିଜ ଟିମ ସ୍ୱଦେଶ ଫେରିଯିବା କଥା । ମାତ୍ର ବର୍ତ୍ତମାନ ତାହା ସମ୍ଭବପର ହେଉନି । ଖେଳାଳି ଓ ଅନ୍ୟ ସହଯୋଗୀ ଷ୍ଟାଫଙ୍କ ସୁରକ୍ଷାକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ଆଇସିସି ପକ୍ଷରୁ କୁହାଯାଇଛି । ଖୁବ ଶୀଘ୍ର ନିଶ୍ଚିତ ଭାବେ ଏହି ସମସ୍ୟାର ସୂତ୍ର ଖୋଜିବା ପାଇଁ ଉଦ୍ୟମ କରାଯାଉଛି । ଜିମ୍ବାୱେ ବୋର୍ଡ ମଧ ଖେଳାଳିଙ୍କ ସୁରକ୍ଷା ନେଇ ଚିନ୍ତା ବ୍ୟକ୍ତ କରିଛି ।

## ଏସିଆନ୍ କପ୍‌ରେ ଇରାନର ମହିଳା ଫୁଟବଲ୍ ଟିମ୍‌ର ନୀରବ ବିଦ୍ରୋହ,ଗାଇଲେନି ଜାତୀୟ ସଙ୍ଗୀତ



ଏସିଆନ୍ କପ୍‌ର ଉଦଘାଟନୀ ମ୍ୟାଚରେ, ଇରାନର ମହିଳା ଫୁଟବଲ୍ ଦଳ ନେଇଛି ବଡ଼ ପଦକ୍ଷେପ। ଏହାକୁ ନେଇ କେବଳ ଫୁଟବଲ୍ ପଡ଼ିଆରେ ନୁହେଁ ବରଂ ବାହାରେ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆରେ ଜାରି ଏଏଫ୍‌ସି ଏସିଆନ୍ କପ୍ ୨୦୨୬ର ଉଦଘାଟନୀ ମ୍ୟାଚରେ ଇରାନର ମହିଳା ଫୁଟବଲ୍ ଦଳ ଇସଲାମିକ ଶାସନର ଜାତୀୟ ସଙ୍ଗୀତ ଗାଇବାକୁ ମନା କରିଦେଇଥିଲା।ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍ ସମୟରେ ଇରାନର ମହିଳା ଖେଳାଳିମାନେ ନୀରବରେ ଠିଆ ହୋଇଥିଲେ। ସେମାନେ ଜାତୀୟ ସଙ୍ଗୀତ ଗାନ କରିନଥିଲେ। ଇରାନରେ ସାମ୍ପ୍ରତିକ ସାମରିକ ଉତ୍ତେଜନା ଏବଂ ଚାଲିଥିବା ଆଭ୍ୟନ୍ତରୀଣ ଅଶାନ୍ତି ପରେ ଇରାନର ମହିଳା ଫୁଟବଲ୍ ଦଳ ଏହି ପଦକ୍ଷେପ ନେଇଛି। ଷ୍ଟାଡିୟମରେ କିଛି ଲୋକ ଇସଲାମିକ୍ ବିପ୍ଳବ ପୂର୍ବର ପତାକା ହଲାଇଥିଲେ, ଆଉ କିଛି ନୀରବରେ ଏହାକୁ ଦେଖୁଥିଲେ।ହେଡ୍ କୋଚ୍ ଏ ବିଷୟରେ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ। ସେ ତାଙ୍କ ଦେଶର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଉପରେ ମଧ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ। କୋଚ୍ ସ୍ପଷ୍ଟ ଭାବରେ କହିଥିଲେ ଯେ ଦଳକୁ ଟୁର୍ଣ୍ଣାମେଣ୍ଟ ଉପରେ ଧାନ ଦେବାକୁ ପଡିବ। ଇସ୍ରାଏଲୀ ଏବଂ ଆମେରିକୀୟ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ଜାରି ରହିଛି।ଦକ୍ଷିଣ କୋରିଆ ଏହି ମ୍ୟାଚ୍ ଦକ୍ଷିଣ କୋରିଆ ମ୍ୟାଚ୍ ୩-୦ରେ ଜିତିଥିଲା। ୩୭ ତମ ମିନିଟରେ ଚୋଇ ୟୁ-ରି ଗୋଲ ଦେଇଥିଲେ। ଏହାପରେ କିମ୍ ହାଇ-ରି ୫୯ ତମ ଏବଂ ୭୫ତମ ମିନିଟରେ ଗୋଲ ଦେଇ ଦକ୍ଷିଣ କୋରିଆକୁ ୩-୦ ରେ ଆଗୁଆ ରଖି ବିଜୟ ସୁନିଶ୍ଚିତ କରିଥିଲେ। ଇରାନ ଟିମ୍ର ଆଗାମୀ ଲକ୍ଷ୍ୟ ବ୍ରାଜିଲରେ ହେବାକୁ ଥିବା ୱିମେନ୍ସ ୱାର୍ଲ୍ଡକପ୍‌ରେ ସ୍ଥାନ ପକ୍କା କରିବା। ଏଥିପାଇଁ ତାକୁ ଅତି କମ୍ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପହଁଞ୍ଚିବାକୁ ହେବ। ଏହି ଟିମ୍ ଆଗାମୀ ମ୍ୟାଚ୍ ଗୁରୁବାର ଆୟୋଜକ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

## ବିଜୟଙ୍କ ବୈବାହିକ ଜୀବନରେ ଝଡ଼ : ଅଭିନେତ୍ରୀଙ୍କ ସହ ଅନୈତିକ ସମ୍ପର୍କ ଥିବା ଚର୍ଚ୍ଚା



ସୁ ପରଷ୍ଟାର୍ ଥାଲାପତି ବିଜୟଙ୍କ ପରିବାରରେ ଝଡ଼ ସୃଷ୍ଟି ହୋଇଛି । ପୂର୍ବରୁ ଥାଲାପତିଙ୍କ ସିନେମା 'ଜନ ନାୟାଗନ' ଜାନୁଆରିରେ ରିଲିଜ୍ ହେବାର ଥିଲା କିନ୍ତୁ ବିବାଦ କାରଣରୁ ସିନେମାଟି ଅଧାରେ ଅଛି । ହେଲେ ଏବେ ଖବର ଆସୁଛି ଯେ ବିଜୟଙ୍କ ପତ୍ନୀ ତାଙ୍କଠାରୁ ଛାଡ଼ପତ୍ର ନେବା ପାଇଁ ଆବେଦନ କରିଛନ୍ତି । ୨୭ ବର୍ଷର ଲମ୍ବା ସଂପର୍କ ପରେ ବିଜୟଙ୍କଠାରୁ ଛାଡ଼ପତ୍ର ନେବାକୁ ଚାହୁଛନ୍ତି ପତ୍ନୀ ସଙ୍ଗୀତା ।ପ୍ରକୃତରେ, ତାଙ୍କ ପତ୍ନୀ ସଙ୍ଗୀତା ସୋର୍ନାଲିଙ୍ଗମ ଅଭିନେତା ବିଜୟଙ୍କ ଉପରେ ଧୋକ୍କା-ପ୍ରତାରଣାର ଅଭିଯୋଗ ଆଣିଛନ୍ତି। ବିଜୟ ଏବଂ ସଙ୍ଗୀତା 1999 ରେ ବିବାହ କରିଥିଲେ। ତାଙ୍କର 27 ବର୍ଷ ଧରି ବୈବାହିକ ଜୀବନ ସେମାନଙ୍କର ଦୁଇଟି ସନ୍ତାନ ଅଛି। କିନ୍ତୁ ବର୍ତ୍ତମାନ, ସେମାନଙ୍କ ସମ୍ପର୍କ ଭାଙ୍ଗିବାକୁ ବସିଛି।ସଙ୍ଗୀତା ସୋର୍ନାଲିଙ୍ଗମ କାହା ନାଁ ନନେଇ କହିଛନ୍ତି ଯେ ବିଜୟଙ୍କ ଜଣେ ଅଭିନେତ୍ରୀଙ୍କ ସହିତ ଅନୈତିକ ସଂପର୍କ ଅଛି । ମିଡିଆ ରିପୋର୍ଟ ଅନୁସାରେ ସଙ୍ଗୀତା ଅଭିଯୋଗ କରିଛନ୍ତି ଯେ ବିଜୟ ୨୦୨୧ ଏପ୍ରିଲଠାରୁ ଜଣେ ଅଭିନେତ୍ରୀଙ୍କ ଏକ୍ସଟ୍ରା ମ୍ୟାରିଟାଲ୍ ଆଫାୟାରରେ ଅଛନ୍ତି । ସେ ଏନେଇ ଚେନ୍ନାଇର ଚେଙ୍ଗଲପଟୁ ଫ୍ୟାମିଲି କୋର୍ଟରେ ଆବେଦନ ମଧ କରିଛନ୍ତି । ରିପୋର୍ଟ ଅନୁଯାୟୀ, ସଙ୍ଗୀତା ଦାବି କରିଛନ୍ତି ଯେ ବିଜୟ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଏହି ପରକୀୟା ପ୍ରୀତିକୁ ଶୀଘ୍ର ଶେଷ କରିଦେବେ କିନ୍ତୁ ସେ ଏପର୍ଯ୍ୟନ୍ତ ଅନୈତିକ ସଂପର୍କରୁ ବାହାରକୁ ଆସିନାହାନ୍ତି । ସ୍ୱାମୀଙ୍କ ଆଚରଣ ଯୋଗୁଁ ସଙ୍ଗୀତା ମାନସିକ ଏବଂ ଭାବପ୍ରବଣ ଯନ୍ତ୍ରଣାରେ ପୀଡ଼ିତ ଅଛନ୍ତି ବୋଲି କହିଛନ୍ତି । ତେବେ ସଙ୍ଗୀତା ଉକ୍ତ ଅଭିନେତ୍ରୀଙ୍କ ନାଁ ଏଠାରେ ପ୍ରକାଶ କରିନାହାନ୍ତି । ସଙ୍ଗୀତା କହିଛନ୍ତି ସେ ନିଜେ ଏହି ମାମଲାକୁ ସମାଧାନ କରିବାକୁ ଚେଷ୍ଟା କରିଥିଲେ ଏବଂ ଏହି ଘଟଣାକୁ ଅପବାଦର ରୂପ ଦେବାକୁ ଚାହୁନଥିଲେ କିନ୍ତୁ ବିଜୟ ସୁଧୁରିବାର ନାଁ ନେଉନଥିଲେ ତେଣୁ ସେ ବାଧ ହୋଇ ସ୍ୱତନ୍ତ୍ର ବିବାହ ଆଇନ ଅନୁଯାୟୀ କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ ।

Editor: Tapan Kumar Kadraka Printed and Published by Tapan Kumar Kadraka, PRINT-TECH OFFSET PRIVATE LIMITED, F-66/1 & F-66/2 Chandaka Industrial Area P.O. KIIT,BHUBANESWAR, KHORDHA,ODISHA -751024. Published From Siripur, Narayanpur, kalyansinghpur , Dist-Rayagada,765016, Editor-Tapan Kumar Kadraka